## ସଂକ୍ଷେପରେ

### ଅଟୋ ଚାଳକଙ୍କୁ ଛୁରି ଦେଖାଇ ଲୁଟ୍ କୁଖ୍ୟାତ ଲୁଟେରା ଗିରଫ



ଗିରଫ ଅଭିଯୁକ୍ତ, ଜବତ ଟଙ୍କା ଓ ମାରଣାସ୍ତ୍ର।

ଭୁବନେଶ୍ୱର,୧୩।୨(ବ୍ୟୁରୋ) ଅଟୋ ଚାଳକଙ୍କୁ ଛୁରି ଦେଖାଇ ଲୁଟ୍ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ କୁଖ୍ୟାତ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ୟୁନିଟ-୩ ଏନ୍ଏସି କଲୋନୀରେ ରହୁଥିବା ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳର ତୋଫାନ ସେଠୀ। ତାଙ୍କଠାରୁ ୨୩୦୦ ଲୁଟ୍ ଟଙ୍କା ଓ ଏକ ଛୁରି ଜବତ କରାଯାଇଛି। ତୋଫାନଙ୍କ ନାମରେ ଖାରବେଳନଗର ଓ କ୍ୟାପିଟାଲ ଥାନାରେ ୨ଟି ମାମଲା ରହିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ବିରୋଧରେ ୧୧୦ ସିଆର୍‌ପିସି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଅଟୋ ଚାଳକ ଅନିଲ କୁମାର ଦାସ ଶନିବାର ବିଳମ୍ବିତ ରାତିରେ ମାଷ୍ଟର କ୍ୟାଣ୍ଟିନ ଛକରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ତୋଫାନ ଏକ ଛୁରି ଦେଖାଇ ତାଙ୍କଠାରୁ ଟଙ୍କା ଛଡାଇ ନେଇ ପଳାଇଥିଲେ। ଅନିଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ତାଙ୍କୁ ତାରୀଣି ମନ୍ଦିର ନିକଟରୁ ଅଭିଯୁକ୍ତ ତୋଫାନଙ୍କୁ କାବୁ କରିଥିଲା।

### ବିଧାୟକଙ୍କୁ ଗାଳିଗୁଲଜ, ୩ ଗିରଫ

କଣାସ,୧୩।୨(ସ୍ୱ.ପ୍ର.) ପୁରୀ ଜିଲା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଗାଳିଗୁଲଜ ଅଭିଯୋଗରେ ଗଡ଼ିଶାଗୋଡା ଥାନା ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଏହି ବ୍ଲକ ଅନ୍ତର୍ଗତ ବଣିକୁଦ ଗ୍ରାମରେ ରବିବାର ବିଧାୟକ ସାମନ୍ତରାୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ଏହି ସମୟରେ ବିରୋଧୀ ଦଳର କେତେଜଣ ବ୍ୟକ୍ତି ପହଞ୍ଚି ବିଧାୟକଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗଡ଼ିଶାଗୋଡା ଥାନାରେ ଅଭିଯୋଗ ପରେ ପୋଲିସ ୫ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଅଚିହ୍ନା ରୋଗରେ ୧୭ ଗୋରୁ ମୃତ

କଟକ ସଦର, ୧୩।୨(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ କମରପଦା (ବାଲିସାହି) ଗ୍ରାମରେ ଏକ ମାସ ମଧ୍ୟରେ ୧୭ ଗୋରୁଙ୍କର ଅଚିହ୍ନା ରୋଗରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଗୋପାଳନ କରୁଥିବା ଲୋକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ପଡ଼ୋଶୀ ଯଶପଡ଼ା ପଞ୍ଚାୟତ କୋସିଦା ଗ୍ରାମରେ ଥିବା ପ୍ରାଣୀଧନ ନିରୀକ୍ଷକଙ୍କ ଉପରେ ଏହି ଅଞ୍ଚଳର ଗୋପାଳନ କରୁଥିବା ଲୋକେ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ସ୍ଥାୟୀ ନିରୀକ୍ଷକ ନ ଥିବାରୁ ପ୍ରାଣୀ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଉକ୍ତ ଗ୍ରାମର ସୁରେଶ ଖଟୁଆ, ନରେନ୍ଦ୍ର ବେହେରା, ଶମ୍ଭୁନାଥ ବେହେରା, ସନାତନ ବାରିକ, ହେମନ୍ତ କୁମାର ସେଠୀ, ଘନଶ୍ୟାମ ସେଠୀ, ବସନ୍ତ ସେଠୀ ପ୍ରମୁଖ ଗୋପାଳକଙ୍କ ଗାଈ ଓ ବାଛୁରୀ ମୃତ୍ୟୁ ଘଟିଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ଗୋରୁମାନଙ୍କୁ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ଟିକା ଦିଆଯିବା ଦରକାର। ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ମୃତ୍ୟୁ ଘଟିଥିବା ଗୋରୁଙ୍କ ରୋଗ ନିରୂପଣ କରିବା ସହ ଟିକାକରଣକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅନ୍‌ଲାଇନ୍, ଅଫ୍‌ଲାଇନ୍‌ରେ ହେବ କ୍ଲାସ ପ୍ରମୋଶନ ପରୀକ୍ଷା

**ଦ୍ୱନ୍ଦ୍ୱ ଦୂର କଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

- ଅଫ୍‌ଲାଇନ୍ ପରୀକ୍ଷା ପାଇଁ କେହି ବାଧ କରିପାରିବେ ନାହିଁ
- ନିର୍ଦ୍ଦେଶ ନ ମାନିଲେ ସମ୍ପୃକ୍ତ ସ୍କୁଲ୍ ଉପରେ କାର୍ଯ୍ୟାନୁଷ୍ଠାନ
- ଡାଉଟ୍ କ୍ଲିୟର କ୍ଲାସ୍ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ରାଜ୍ୟରେ ସ୍କୁଲ୍‌ଗୁଡ଼ିକ ପର୍ଯ୍ୟାୟକ୍ରମେ ଖୋଲୁଛି। ଅଷ୍ଟମରୁ ଦ୍ୱାଦଶ ପାଠପଢ଼ା ଆରମ୍ଭ ହୋଇଛି। ସେହିଭଳି ସୋମବାରଠାରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲୁଥିଲେ ମଧ୍ୟ ପାଠପଢ଼ା ୨୮ରୁ ଆରମ୍ଭ ହେବ। ସେ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ କ୍ଲାସ୍ ଚାଲୁଥିବ। ତେବେ ସ୍କୁଲ୍ ଖୋଲିବା ପରେ ବି କାହାକୁ ଅଫ୍‌ଲାଇନ୍ କ୍ଲାସ୍ ପାଇଁ ବାଧ କରାଯିବ ନାହିଁ। ଅନ୍ୟପକ୍ଷରେ କ୍ଲାସ୍ ପ୍ରମୋଶନ ପରୀକ୍ଷା ଅନ୍‌ଲାଇନ୍ ନା ଅଫ୍‌ଲାଇନ୍‌ରେ ହେବ, ତାହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନେ ଦ୍ୱନ୍ଦ୍ୱରେ ଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଛି। ବିଭାଗରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ସମସ୍ତ ସରକାରୀ ସ୍କୁଲ, ଘରୋଇ, ସ୍ୱିକୃତୀପ୍ରାପ୍ତ ସ୍କୁଲରେ ଅଫ୍‌ଲାଇନ୍ ପରୀକ୍ଷା ଲାଗି କେହି ପିଲାଙ୍କୁ ବାଧ କରିବେ ନାହିଁ। ପରୀକ୍ଷା ଲାଗି ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ ବ୍ୟବସ୍ଥା କରାଯିବ। ଯେଉଁ ଅଭିଭାବକମାନେ ଚାହିଁବେ ସେମାନଙ୍କ ପିଲାମାନେ ସ୍କୁଲରେ ଆସି ପରୀକ୍ଷା ଦେଇପାରିବେ। ଯେଉଁ ଛାତ୍ରୀଛାତ୍ରମାନେ ସ୍କୁଲ ଆସିବେ ନାହିଁ ସେମାନଙ୍କ ଲାଗି ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ପଠାଇ ପରୀକ୍ଷା କରାଯିବ। ଯଦି କୌଣସି ସ୍କୁଲ କର୍ତ୍ତୃପକ୍ଷ ପରୀକ୍ଷା ଲାଗି କେବଳ ଅଫ୍‌ଲାଇନ୍ ବ୍ୟବସ୍ଥା କରନ୍ତି, ତେବେ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

ଗୁଣାତ୍ମକ ଶିକ୍ଷାଦାନ ସହ ସମସ୍ତ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ଅଫ୍‌ଲାଇନ୍ ସହ ଅନ୍‌ଲାଇନ୍‌ରେ କରିବାକୁ ବ୍ୟବସ୍ଥା କରାଯାଇଛି। ସବୁ ଶ୍ରେଣୀର ବାର୍ଷିକ ରେଜଲ୍ଟ ପ୍ରକାଶ ପାଇବା ପରେ ଜିଲାୱାରୀ ସବୁ ପିଲାଙ୍କ ମାର୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ। ଫଳରେ ଏଣିକି ସମସ୍ତ ଛାତ୍ରୀଛାତ୍ରଙ୍କ ରେଜଲ୍ଟକୁ ସରକାର ସମୀକ୍ଷା କରିପାରିବେ। ପରୀକ୍ଷା ଶେଷ ହେବା ପରେ ରେଜଲ୍ଟ ମଧ୍ୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ରେଜଲ୍ଟ କାର୍ଡ ଅଭିଭାବକଙ୍କୁ ଦିଆଯିବ। ଯେଉଁ ଅଭିଭାବକମାନେ କାର୍ଡ ନେଇ ନ ପାରିବେ ସେମାନଙ୍କୁ ରେଜଲ୍ଟର ଫଟୋ କପି ହ୍ୱାଟ୍‌ସଆପ୍ କିମ୍ବା ମେଲ୍‌ରେ ଯୋଗାଇ ଦିଆଯିବ। ସେହିପରି ଯେଉଁ ସ୍କୁଲରେ କୋର୍ସ ଶେଷ ହୋଇପାରି ନାହିଁ, ସମ୍ପୃକ୍ତ ସ୍କୁଲର ଶିକ୍ଷକମାନେ ନିୟମିତ ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍‌ରେ ଶିକ୍ଷାଦାନ କରିବା ସହ ଡାଉଟ୍ କ୍ଲିୟର କ୍ଲାସ୍ ମଧ୍ୟ କରିବେ। ଯେଉଁ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍ କ୍ଲାସ କରିବାକୁ ସମସ୍ୟା ରହିଛି, ହେଲେ ସେମାନେ ସ୍କୁଲ ଆସିପାରୁନାହାନ୍ତି, ସେହି ପିଲାଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଶ୍ରେଣୀ ଶିକ୍ଷକ ଉଦ୍ୟମ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଟିକା ନେବା ପରେ ମୃତ୍ୟୁ ଘଟିଲେ କ୍ଷତିପୂରଣ ଦିଆଯିବା ଦରକାର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର,୧୩।୨(ବ୍ୟୁରୋ)

କରୋନା ଟିକାକରଣର ସତ୍ୟତା ଓ ଏହାର ବାସ୍ତବତାକୁ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇ ହାଇକୋର୍ଟ ଓ ସୁପ୍ରିମ କୋର୍ଟର ଓକିଲ ନିଲେଶ ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି, ଟିକାକରଣକୁ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ। ଯଦି ଅନାବଶ୍ୟକ ଟିକାନେଇ ଲୋକେ ମୃତ୍ୟୁମୁଖରେ ପଡନ୍ତି, ତେବେ ସରକାର ଏଥିପାଇଁ କ୍ଷତିପୂରଣ ଦେବେ ନା ନାହିଁ, ସେନେଇ ସେ ପ୍ରଶ୍ନ କରିବା ସହ କିଛି ଉଦାହରଣ ରଖିଛନ୍ତି। ଆମେରିକା ଭଳି ଉନ୍ନତ ଦେଶରେ ଟିକାକରଣଜନିତ ମୃତ୍ୟୁ ପାଇଁ କୋଟି କୋଟି ଟଙ୍କା କ୍ଷତିପୂରଣ ଦିଆଯାଉଛି। ଆମ ଦେଶରେ ଟିକାକରଣ ଯୋଗୁ ପାର୍ଶ୍ୱପ୍ରତିକ୍ରିୟା ହୋଇ ଯେଉଁମାନଙ୍କ ମୃତ୍ୟୁ ଘଟୁଛି ସେମାନଙ୍କୁ କ୍ଷତିପୂରଣ ଦିଆଯିବା ଦରକାର। ଏଥିପାଇଁ ଅଦାଲତରେ ଆବେଦନ କରାଯାଇଛି ବୋଲି ସେ କହିଛନ୍ତି। ଏମ୍ସର ଡ଼ାକ୍ତର ଡ. ସଞ୍ଜୟ ରାୟ ଯୋଗଦେଇ କହିଛନ୍ତି, ୮୦ ପ୍ରତିଶତ ଲୋକଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି ତିଆରି ହେଲାପରେ ଆଉ ସେମାନଙ୍କୁ ଟିକାକରଣ ଆବଶ୍ୟକତା ନାହିଁ। ଟିକାକରଣ କବେ ସଂକ୍ରମଣକୁ ରୋକିପାରିବ ନାହିଁ, ଏହା ମୃତ୍ୟୁ ସଂଖ୍ୟାକୁ କମାଇପାରେ ବୋଲି ସେ କହିଛନ୍ତି।



ପରିବେଶ ସଚେତନତା ପାଇଁ ଉମିଦ ଫାଉଣ୍ଡେଶନ ଆନୁକୂଲ୍ୟରେ ରବିବାର ପୁରୀର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ତାଳବଣିଆ ଅଞ୍ଚଳରେ ଆୟୋଜିତ 'ଆମ ପରିବେଶ ଆମ ଦାୟିତ୍ୱ' କାର୍ଯ୍ୟକ୍ରମ।

## ଲୁଟେରା ଗ୍ୟାଙ୍ଗର ୩ ଗିରଫ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ମୋବାଇଲ ଲୁଟ୍ ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଏକ ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀରେ ରହୁଥିବା ବାପୁନ ସେଠୀ(୩୦), ରଞ୍ଜନ ନାୟକ(୨୨) ଓ ମନୋରଞ୍ଜନ ସାହୁ(୩୦)। ପୋଲିସ ସେମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଓ ଏକ ବାଇକ ଜବତ କରିଛି। ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ଥିବା ଜଣାପଡିବା ପରେ ପୋଲିସ ଥିବା ପୋଲିସ ଜାଣିବାକୁ ପାଇଛି। ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଏନ୍-୩ରେ ରହୁଥିବା ଅଙ୍କିତ୍ ପ୍ରସାଦ ଶନିବାର ଦିନରେ ଆଇଡି ମାର୍କେଟ ନିକଟରେ ଚାଲି ଚାଲି ଯାଉଥିଲେ। ଅଭିଯୁକ୍ତମାନେ ଏକ ବାଇକରେ ଆସି ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଅଙ୍କିତ୍‌ଙ୍କ ଅଭିଯୋଗକ୍ରମେ ପୋଲିସ (ନଂ.୮୬/୨୨) ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଏନ୍ଏଚ୍ଆର୍‌ସିରେ ମଡେଲ ସୌମ୍ୟରଞ୍ଜନ ଆତ୍ମହତ୍ୟା ମାମଲା

ଭୁବନେଶ୍ୱର,୧୩।୨(ବ୍ୟୁରୋ)



ଇନ୍‌ଫୋସିଟି ଥାନା ନନ୍ଦନବିହାର ଅଞ୍ଚଳରେ ରହୁଥିବା ମଡେଲର ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୧୩ଦିନ ବିତିଛି। ପରିବାର ଲୋକଙ୍କ ଅଭିଯୋଗ ସତ୍ତ୍ୱେ ସୌମ୍ୟଙ୍କ ପ୍ରେମିକା ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ତେଣୁ ଭାରତୀୟ ବିକାଶ ପରିଷଦ ଜଗତ୍‌ସିଂହପୁର ଜିଲା ସଭାପତି ସୁବ୍ରତ କୁମାର ଦାଶ ରବିବାର କେନ୍ଦ୍ର ମାନବାଧିକାରୀ କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କହିଛନ୍ତି, ଗତ ଗୁରୁବାର ସୌମ୍ୟଙ୍କ ମା' ମୋହିନୀ ପାଣିଗ୍ରାହୀ ଇନ୍‌ଫୋସିଟି ଥାନାରେ ସୌମ୍ୟଙ୍କ ପ୍ରେମିକା ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଅଭିଯୋଗ କରିବା ସହ ଡିସିପିଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ। ହେଲେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ କରୁଛି। କମିଶନଙ୍କ ଟିମ୍ ତୁରନ୍ତ ତଦନ୍ତ କରି ସୌମ୍ୟଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ ଦିଅନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

# ଅପମୃତ୍ୟୁ ମାମଲା କରି ବସିପଡ଼ିଛି ପୋଲିସ

**ନିର୍ମାଣାଧୀନ ଉଚ୍ଚ ଅଟ୍ଟାଳିକାରୁ ପଡ଼ି ଶ୍ରମିକ ମୃତ୍ୟୁ ଘଟଣା**

- ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ସିଏମ୍‌ସି, ଶ୍ରମ ବିଭାଗ ଅଧିକାରୀ

କଟକ,୧୩।୨

କଟକ-ଭୁବନେଶ୍ୱର ମଝି ବମ୍ଫକୁଦଠାରେ ଘରୋଇ ଠିକା ସଂସ୍ଥା ଦ୍ୱାରା ନିର୍ମାଣାଧୀନ ୮ତାଲା ବିଶିଷ୍ଟ ଅଟାଳିକାରୁ ପଡ଼ି ଶନିବାର ଜଣେ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ମୃତ ଶ୍ରମିକ ମୟୂରଭଞ୍ଜର ସୁକାନ୍ତ ତନ୍ତୀ (୪୦)। ସେ ଦୀର୍ଘ ଦିନ ହେବ ଉକ୍ତ ଠିକା ସଂସ୍ଥାର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ହେଲେ ଉକ୍ତ ଘଟଣାକୁ ଚପାଇ ଦେବା ପାଇଁ ସମ୍ପୃକ୍ତ ନିର୍ମାଣ ସଂସ୍ଥା ଜୋରଦାର ଉଦ୍ୟମ ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏପରିକି କମିଶନରେଟ ପେଲିସ ଅଧିନରେ ଥିବା କଟକ ସଦର ଥାନା ପୋଲିସ ସବୁ ଜାଣି ମଧ୍ୟ ଚୁପ ବସିଛି। ଏପରିକି ଏଭଳି କିଛି ଘଟଣା ଘଟି ନାହିଁ ବୋଲି ପ୍ରଥମରୁ ମନା କରୁଥିବା ଥାନା ଅଧିକାରୀ ପରବର୍ତ୍ତୀ ସମୟରେ ଏହାକୁ ସ୍ୱୀକାର କରିଥିଲେ। କେବଳ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦୨୨)ରୁଜୁ କରି ପୋଲିସ ଚୁପ ହୋଇ ବସି ପଡିଛି। ଶନିବାର ମାମଲାକୁ ଘଣ୍ଟ ଘୋଡାଇବା ସହ ଶବ ବ୍ୟବଚ୍ଛେଦ ଆଦି କାର୍ଯ୍ୟ ପାଇଁ ଦିନ ଶେଷ ହୋଇଗଲା। ରବିବାର ଛୁଟି ଦିନ ସାଙ୍ଗକୁ କର୍ମଚାରୀ ଅଭାବ କହି ତଦନ୍ତ ଅଧିକାରୀ ସମୟ ବିତାଇ ଦେବାକୁ ସୁଯୋଗ ଖୋଜୁଥିବା ଜଣାପଡିଛି।

ଅପରପକ୍ଷରେ କଟକ ମହାନଗର ନିଗମ (ସିଏମସି) ଅନ୍ତର୍ଗତ ୱାର୍ଡ ନଂ ୫୯ ପରିସୀମାରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ ସେପରି କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ସିଏମସିର କମିଶନରଙ୍କ ଠାରୁ ନେଇ ଶ୍ରମ ଅଧିକାରୀଙ୍କ ପର୍ଯ୍ୟନ୍ତ ଉକ୍ତ ଘଟଣା ବିଷୟରେ ଅବଗତ ନାହାନ୍ତି ବୋଲି ସୂଚନା ମିଳିଛି। ସୋମବାର ଏ ବିଷୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଏମସି ଅତିରିକ୍ତ କମିଶନର ସୁମିତା ସରକାର କହିଛନ୍ତି। ସେହିଭଳି ନିର୍ମାଣାଧୀନ ସଂସ୍ଥାର ନିର୍ମାଣ କାର୍ଯ୍ୟ ପାଇଁ ହୋଇଥିବା ଚୁକ୍ତିନାମାର ଅବଧି ଶେଷ ହେବାକୁ ବସିଥିବାରୁ ଘରୋଇ ଠିକା ସଂସ୍ଥା କାର୍ଯ୍ୟ ଶେଷ ପାଇଁ ବେଆଇନ ଭାବେ ଶହ ଶହ ଶ୍ରମିକଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରି ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି ବୋଲି କିଛି ଶ୍ରମିକ ସୂଚନା ଦେଇଛନ୍ତି। ବିଶେଷ କରି ନିର୍ମାଣାଧୀନ କାର୍ଯ୍ୟରେ ନିୟୋଜିତ କୌଣସି ଶ୍ରମିକ ସରକାରଙ୍କ କୋଠାବାଡି ନିୟମ ଅନୁସାରେ କାର୍ଯ୍ୟ କରୁ ନଥିବା ଜଣାପଡିଛି। କାରଣ ବୃହତ୍ ଅଟ୍ଟାଳିକା ନିର୍ମାଣ ସମୟରେ ଠିକା ସଂସ୍ଥା ସମସ୍ତ ଶ୍ରମିକଙ୍କ ସୂଚନା ସ୍ଥାନୀୟ ଶ୍ରମ ଅଧିକାରୀଙ୍କ ନିକଟରେ ଦାଖଲ କରି କାର୍ଯ୍ୟ କରିବା କଥା। କିନ୍ତୁ ସେ ସବୁ କିଛି କରାଯାଇ ନଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ୨୦୦୯ରେ ସରକାର କୋଠାବାଡି ଶ୍ରମିକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ସରକାରଙ୍କ ନିକଟରେ ପଞ୍ଜୀକୃତ ହୋଇଥିବା ଶ୍ରମିକ ବିଭିନ୍ନ ସୁବିଧା ଓ ସହାୟତା ପାଇଥାନ୍ତି।

## ଫାଇନ୍ ନ ଦେଇ ପୋଲିସକୁ ଦୁର୍ବ୍ୟବହାର, ୨ ଗିରଫ

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଥାନା ଭିତରେ କାର୍ଯ୍ୟରତ ସେଣ୍ଟ୍ରିଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଶୀବଶଙ୍କର ସାହୁ(୪୦) ଓ କଟକ ଜିଲା ଚାଉଳିଆଗଞ୍ଜ ଥାନା ଶିଖରପୁରର ଚିନ୍ମୟ ମହାନ୍ତି(୩୬)।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୮ଟା ୪୦ରେ ଅଭିଯୁକ୍ତଙ୍କ ସମେତ ୪ ଜଣ ଗ୍ୟାରେଜ ଛକରେ ମଦ୍ୟପାନ କରୁଥିଲେ। ଥାନା ଅଧିକାରୀ ଶରତ ପାତ୍ର ତାଙ୍କୁ ଥାନାକୁ ଆଣି ଜରିମନା ଦେବାକୁ କହିଥିଲେ। ଅନ୍ୟ ୨ଜଣ ଜରିମାନା ଦେଇ ଘରକୁ ଯାଇଥିଲେ। ହେଲେ ଅଭିଯୁକ୍ତଦ୍ୱୟ ଜରିମାନା ଦେଇ ନ ଥିଲେ। ସେଠାରେ କନଷ୍ଟେବଲ ବିଜୟ କୁମାର ବାରିକ୍ ସେଣ୍ଟ୍ରି ଭାବେ ଦାୟିତ୍ୱରେ ଥିଲେ। ଅଭିଯୁକ୍ତଦ୍ୱୟ ବିଜୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରି ଦୁର୍ବ୍ୟବହାର କରିଥିଲେ। ଏନେଇ ପୋଲିସ ଏକ (ନଂ.୪୧/୨୨) ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା।

# ପ୍ରଥମ ପର୍ଯ୍ୟାୟ ପାଇଁ ଆଜି ପ୍ରଚାର ଶେଷ

**୧୧ ଜିଲାକୁ ଆଜି ଯିବେ ପୋଲିଂ ପାର୍ଟି**

ଭୁବନେଶ୍ୱର, ୧୩।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ଅବଗଣନା ଆରମ୍ଭ ହୋଇଯାଇଛି। ୨ ଦିନ ପରେ ଅର୍ଥାତ୍ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଜନସାଧାରଣ ସେମାନଙ୍କ ମତ ସାବ୍ୟସ୍ତ କରିବେ। ନିଜ ମନପସନ୍ଦ ପ୍ରାର୍ଥୀଙ୍କୁ ସେମାନେ ୫ ବର୍ଷ ପରେ ବାଛିବାର ଆଉ ଏକ ସୁଯୋଗ ପାଇଛନ୍ତି, ତେଣୁ ସେଥିପ୍ରତି ଏବେ ରାଜ୍ୟ ରାଜନୀତି ଉଠୁଚି ପଡୁଚି। ଏଥିଲାଗି ସମସ୍ତ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି। ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ ବ୍ଲକ୍ ଅନ୍ତର୍ଗତ ୨୦୨ ଜିଲା ପରିଷଦ ଜୋନ୍‌ର ୧୬୬୯ ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହେବ। ମତଦାନର ୩୬ ଘଣ୍ଟା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବା ଅଞ୍ଚଳ ଲାଗି ସୋମବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ହେବ। ବାହାରୁ ଯାଇ ଡେରା ପକାଇଥିବା ନେତାମାନେ ସେହି ଏରିଆ ଛାଡ଼ିବେ। ଗୋଟିଏ ନିର୍ବାଚନମଣ୍ଡଳୀ ମଧ୍ୟରେ ବାହାର ନିର୍ବାଚନମଣ୍ଡଳୀର ଭୋଟର କିମ୍ବା ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିବା ରାଜନୈତିକ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହିପାରିବେ ନାହିଁ ବୋଲି ନିର୍ବାଚନ କମିଶନ କହିସାରିଛନ୍ତି। ମତଦାନ ଲାଗି ସୋମବାରଠାରୁ ପୋଲିଂ ଅଧିକାରୀମାନେ ମଧ୍ୟ ମତଦାନ କେନ୍ଦ୍ର ଅଭିମୁଖେ ଗସ୍ତ କରିବେ। ପ୍ରଥମ ପର୍ଯ୍ୟାୟରେ ୧୧ ଜିଲା ଯଥା-ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା ଓ କୋରାପୁଟକୁ ପୋଲିଂ ଅଧିକାରୀମାନେ ଗସ୍ତ କରିବେ। ମଙ୍ଗଳବାର ବାକି ୧୯ଟି ଜିଲାକୁ ଅଧିକାରୀମାନେ ଯିବେ।

ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଅଞ୍ଚଳ ଲାଗି ଜୋରସୋରରେ ପ୍ରଚାର ଚାଲିଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରିବା ସହ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ଏହାସହ ବାଇକ୍ ରାଲି ଓ ଶୋଭାଯାତ୍ରା କରି ଭୋଟର୍‌ଙ୍କ ନିକଟତର ହେବାକୁ ଚେଷ୍ଟା କରାଯାଉଛି। ପ୍ରଥମ ପର୍ଯ୍ୟାୟ ପ୍ରଚାରର ଶେଷ ସୁଯୋଗ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକ କରିଦେଇଛନ୍ତି। ସୂଚନାଯୋଗ୍ୟ, ୧୬ ତାରିଖରୁ ୫ଟି ପର୍ଯ୍ୟାୟରେ ଦିନେ ଛଡ଼ା ଦିନେ ପଞ୍ଚାୟତ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ବୁଥ୍‌ଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। କମିଶନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ପୋଲିସ ମୁତୟନ କରାଯିବ। ୧୬ରେ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ଟି ବ୍ଲକ୍ ଅନ୍ତର୍ଗତ ୨୦୨ ଜିଲା ପରିଷଦ ଆସନ, ୧୬୬୯ ସରପଞ୍ଚ ଓ ସମାନ ସଂଖ୍ୟକ ସମିତି ସଭ୍ୟ, ୨୨୩୭୯ଟି ୱାର୍ଡମେମ୍ବର ପଦବୀ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ମୋଟ୍ ୬୭ ଲକ୍ଷ ୫୧ ହଜାର ୦୬୮ଜଣ ଭୋଟର୍ ନିଜର ମତାଧିକାର ସାବ୍ୟସ୍ତ କରିବେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ଶ୍ରମିକ ଯୋଗାଣ ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନୋଟ୍ ବାକ୍ସ, ମୁଦ୍ରା ବ୍ୟାଗ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

କ୍ଷେତ୍ରୀୟ ନିର୍ଦ୍ଦେଶକ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ନୋଟ୍ ବାକ୍ସ ଏବଂ ମୁଦ୍ରା ବ୍ୟାଗଗୁଡ଼ିକର ପରିବହନ ନିମନ୍ତେ ଯାନ ଯୋଗାଣ ପାଇଁ ଇ- ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସଡ଼କ ପଥରେ ଓଡ଼ିଶାରେ ନୋଟ୍ ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ଯାନ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

କ୍ଷେତ୍ରୀୟ ନିର୍ଦ୍ଦେଶକ






# ଶୃଙ୍ଖଳିତ ମତଦାନକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୩।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୧୬ରୁ ୨୪ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଭୋଟ ଗ୍ରହଣଠାରୁ ଗଣତି ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ନିର୍ବାଚନ କାର୍ଯ୍ୟ ସୁପରିଚାଳନା ନିମନ୍ତେ ରବିବାର ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ ଟାଙ୍ଗୀ ଓ ବୋଲଗଡ଼, ୧୮ରେ ବାଣପୁର ଓ ବେଗୁନିଆ, ୨୦ରେ ଚିଲିକା ଓ ଖୋର୍ଦ୍ଧା, ୨୨ରେ ବାଲିପାଟଣା ଓ ଭୁବନେଶ୍ୱର ଏବଂ ଅନ୍ତିମ ପର୍ଯ୍ୟାୟ ୨୪ରେ ବାଲିଅନ୍ତା ଓ ଜଟଣୀ ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ଜିଲାର ୧୦ଟି ବ୍ଲକରେ ୧୯୦ ସରପଞ୍ଚ, ସମିତି ସଭ୍ୟ, ୨୭୧୧ ୱାର୍ଡମେମ୍ବର ଏବଂ ୩୦ ଜିଲାପରିଷଦ ଜୋନ ନିମନ୍ତେ ମତଦାନ ହେବ। ଜିଲାରେ ୧୨୯ ଜିଲାପରିଷଦ, ୬୭୩ ସମିତି ସଭ୍ୟ, ୭୮୭ ସରପଞ୍ଚ ଏବଂ ୬୨୧୫ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ୧୦ ଲକ୍ଷ ୩୦ହଜାର୦୬୯ ମତଦାତା ମତଦାନ କରିବେ। ୨୭୧୧ କେନ୍ଦ୍ରରେ ମତଦାନ ଅନୁଷ୍ଠିତ ହେବ। ସେଥିରୁ ୫୦୦ ଅତି ସମ୍ବେଦନଶୀଳ, ୧୨୬୩ ସମ୍ବେଦନଶୀଳ ଓ ୯୪୮ ସାଧାରଣ ବୁଥ। ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଧାର୍ଯ୍ୟ ତାରିଖ ଓ ସମୟରେ ସଂପୃକ୍ତ ବ୍ଲକରେ ଯୋଗଦେବେ। ସେଠାରୁ ମତଦାନ କେନ୍ଦ୍ରକୁ ଯାତ୍ରା କରିବେ। ସ୍ଥାନୀୟ ତହସିଲଦର, ଥାନାଧିକାରୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିବେ। ଅତିସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍‌ରେ ପୋଲିସ ମୁତୟନ କରାଯିବ। ରାଜ୍ୟ ନିର୍ବାଚନ କମିଶନଙ୍କ କୋଭିଡ୍ ଗାଇଡଲାଇନ ଅନୁସାରେ ମତଦାନ ସୁନିଶ୍ଚିତ କରାଯିବ। ମତଦାତାମାନେ କୋଭିଡ୍ ନିୟମ ଅନୁପାଳନ ଲାଗି ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମାସ୍କ ପରିଧାନ ସହ ୬ଫୁଟ ସାମାଜିକ ଦୂରତା ରଖିବାକୁ ନିର୍ଦ୍ଦେଶ ରହିଛି। ମତଦାନ ସମୟରେ ସହଯୋଗ ଲାଗି ସମସ୍ତ ଭୋଟରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅନୁଜ ଦାସ ପଟ୍ଟନାୟକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଓ ଥାନାଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

- ପୋଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ
- ମତଦାନ କେନ୍ଦ୍ରରେ ମାସ୍କ ବାଧ୍ୟତାମୂଳକ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ : ପର୍ଯ୍ୟାୟ ଅନୁଯାୟୀ ମତଦାନ**

| ତାରିଖ | ବ୍ଲକ | ଜିଲା ପରିଷଦ | ପଞ୍ଚାୟତ | ୱାର୍ଡ | ଭୋଟର |
|---|---|---|---|---|---|
| ୧୬ | ଟାଙ୍ଗୀ | ୪ | ୨୬ | ୩୪୫ | ୧୩୨୨୬୯ |
| ୧୬ | ବୋଲଗଡ | ୩ | ୧୯ | ୩୧୬ | ୧୦୮୨୧୮ |
| ୧୮ | ବାଣପୁର | ୩ | ୧୭ | ୨୩୩ | ୧୦୩୮୧୩ |
| ୧୮ | ବେଗୁନିଆ | ୩ | ୨୧ | ୩୩୨ | ୧୦୯୫୬୧ |
| ୨୦ | ଚିଲିକା | ୩ | ୧୭ | ୨୨୫ | ୯୬୨୨୯ |
| ୨୦ | ଖୋର୍ଦ୍ଧା | ୩ | ୨୨ | ୩୨୫ | ୧୧୧୮୫୦ |
| ୨୨ | ବାଲିପାଟଣା | ୩ | ୧୭ | ୨୪୫ | ୯୬୨୭୫ |
| ୨୨ | ଭୁବନେଶ୍ୱର | ୩ | ୨୦ | ୨୫୬ | ୧୦୧୦୪୯ |
| ୨୪ | ବାଲିଅନ୍ତା | ୩ | ୧୬ | ୨୨୪ | ୮୮୦୨୮ |
| ୨୪ | ଜଟଣୀ | ୨ | ୧୫ | ୨୧୦ | ୮୩୩୧୭ |
| | | ୩୦ | ୧୯୦ | ୨୭୧୧ | ୧୦୩୦୬୦୯ |

## ସଂକ୍ଷେପରେ

### ଦୋକାନ ଆଗରୁ ବାଇକ୍ ଚୋରି

**ବାଲକାଟୀ,୧୩।୨(ଡି.ଏନ୍.ଏ.):** ସ୍ଥାନୀୟ ପୁରୁଣା ଫାଣ୍ଡି ଛକ ବଜାର ସ୍ଥିତ ଏକ ଦୋକାନ ସମ୍ମୁଖରୁ ରବିବାର ମିଟୁ ମହାପାତ୍ରଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ମିଟୁଙ୍କ ଏହି ବଜାରରେ ଫଳ ଦୋକାନ ରହିଛି। ସବୁଦିନ ଭଳି ମିଟୁ ସକାଳେ ବାଇକ(ଓଆର୦୨ ବିଡବ୍ଲ୍ୟୁ୨୧୩୧)ରେ ଆସି ଏକ ଡ୍ରେସ ଦୋକାନ ପାର୍ଶ୍ୱରେ ଗାଡ଼ିକୁ ରଖି ଦୋକାନ ଖୋଲିଥିଲେ। ଦୋକାନ ଖୋଲି ବାହାରକୁ ଆସିବା ପରେ ଉକ୍ତ ସ୍ଥାନରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଜଣେ ଯୁବକ ତାଙ୍କ ବାଇକକୁ ଚୋରି କରି ନେଉଥିବା ଡ୍ରେସ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦେଖିବା ପରେ ମିଟୁ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

**ପୁରୁଣା ଭୁବନେଶ୍ୱର, ୧୩।୨(ଡି.ଏନ୍.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ୨୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ସୁବାସ ସୁନ୍ଦରାୟଙ୍କ ପାଇଁ ପ୍ରଚାର କରିଛନ୍ତି। ଧଉଳି ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥୀଙ୍କ ସହ ସରପଞ୍ଚ ବିଜେଡି ସମର୍ଥିତ ପ୍ରାର୍ଥୀ ମନୋଜ ମଲ୍ଲିକ, ସମିତି ସଭ୍ୟା ପ୍ରାର୍ଥୀ ସରସ୍ୱତୀ ସେଠୀଙ୍କ ପାଇଁ ପ୍ରଚାର କରିଥିବା ବେଳେ ରବିବାର ଲିଙ୍ଗିପୁର ପଞ୍ଚାୟତ ପ୍ରଚାରରେ ଘରକୁ ଘର ବୁଲି ଭୋଟ ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଯୁବ ସଭାପତି ସମରେଶ ବେଉରିଆ, ପ୍ରତାପ ଜେନା, ମନୋରଞ୍ଜନ ମହାନ୍ତି, ବୀରଞ୍ଚି ନାରାୟଣ ମହାସୁପକାର, ପ୍ରକାଶ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

### ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ସାଧାରଣ ସଭା

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ରବିବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆଜୀବନ ସଦସ୍ୟା ଓ ସଦସ୍ୟ ଯୋଗ ଦେଇଥିଲେ। ସଭାପତି ପ୍ରଭାତ ନନ୍ଦଙ୍କ ଅଭିଭାଷଣରେ ପରିଷଦର ପରିବର୍ଦ୍ଧିତ ନୂତନ କମିଟି ଗଠନ କିପରି କରାଯାଇ ଥିଲା ସେ ସମ୍ପର୍କରେ ଜଣାଇଥିଲେ। ସମ୍ପାଦକ ନାରାୟଣ ମହାପାତ୍ର ନୂତନ କମିଟିର କାର୍ଯ୍ୟକ୍ରମ ଚିଠା ପାଠ କରିଥିଲେ। ଉପସ୍ଥିତ ଥିବା ସଭ୍ୟା ଓ ସଭ୍ୟମାନେ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପ୍ରତିଷ୍ଠାତା ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ଗଠିତ କମିଟିକୁ ସମସ୍ତେ ଚଳାଇ ଚଳଚଞ୍ଚଳ କରିଥିବାରୁ ପ୍ରସଂଶା କରିଥିଲେ। ଏହି କାର୍ଯ୍ୟକାରୀ କମିଟିକୁ ସ୍ୱୀକୃତି ଦେବା ପାଇଁ ସଭାରେ ପ୍ରସ୍ତାବ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ପଣ୍ଡିତ ଦାଶରଥି ସାମନ୍ତରାୟଙ୍କ ପାଇଁ ପ୍ରବଚନ କାର୍ଯ୍ୟକ୍ରମ ହୋଇ ପାରିଥିବାରୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଥିଲେ। ସଂଚିତା ମହାନ୍ତି ମଧ ଏହି କମିଟିକୁ ସମସ୍ତେ ସହଯୋଗ କରିବା ନିମନ୍ତେ କହିଥିଲେ। କୋଷାଧକ୍ଷ ଅଖିଳ କୁମାର ସାହୁ ଆୟ ବ୍ୟୟର ବିବରଣୀ ପାଠ କରିଥିଲେ। ଏହାକୁ ସର୍ବ ସମ୍ମତି କ୍ରମେ ଗୃହୀତ କରାଯାଇଥିଲା।

### ଛାତରୁ ପଡ଼ି ଯୁବତୀ ଗୁରୁତର

**ଜଟଣୀ,୧୩।୨(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାଜାବଜାର ଗଜପତି ନଗର ଅଞ୍ଚଳରେ ରବିବାର ଏକ ଅଘଟଣ ଘଟିଛି। ଛାତରୁ ଖସିପଡ଼ି ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବି. ରଜନୀ(୨୨)। ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରଜନୀ ସକାଳେ ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଛାତରେ ମାଙ୍କଡ଼ ଥିବା ବେଳେ କୌଣସି କାରଣବଶତଃ ସେ ଛାତରୁ ତଳକୁ ଖସିପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଓ ସାମାଜିକ କର୍ମୀ ଚିତ୍ତରଞ୍ଜନ ଦଳାଇ ସଙ୍ଗେସଙ୍ଗେ ରଜନୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ରଜନୀଙ୍କ ଅଣ୍ଟା ଓ ବାମଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

## 'କୋକୋଳି' ଚଳଚ୍ଚିତ୍ର ଚିତ୍ରନାଟ୍ୟ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୧୩।୨ (ବ୍ୟୁରୋ)**

ସ୍ନେହାଶିଷ ଦାସଙ୍କ ସିନେମା 'କୋକୋଳି'ର ଚିତ୍ରନାଟ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ପେନ୍ ଇନ ବୁକ୍ସ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିନେ ପ୍ରଯୋଜକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ, ଓଡ଼ିଶାରେ ଦର୍ଶକ ଓ ପାଠକ ଦୃଷ୍ଟିକୋଣରୁ ଉଭୟ ସିନେମା ଓ ସାହିତ୍ୟ ଶିଳ୍ପ ରୁଗ୍ଣ। ସାହିତ୍ୟ କ୍ଷେତ୍ରର ବ୍ୟକ୍ତି ସିନେମା ପ୍ରତି ଆଗ୍ରହ ରଖୁନାହାନ୍ତି। ସେହିପରି ସିନେମା କରୁଥିବା ବ୍ୟକ୍ତି ସାହିତ୍ୟର ପାଖ ମାଡୁ ନାହାନ୍ତି। ସାହିତ୍ୟ ଓ ସିନେମା ଭିତରେ ସେତୁ ନିର୍ମାଣର ଆବଶ୍ୟକତା ରହିଛି। ଏଭଳି ସମୟରେ ଏକ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ସିନେମାର ଚିତ୍ରନାଟ୍ୟ ପ୍ରକାଶନ ଏକ ଶୁଭ ସଂକେତ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ କଳା ନିର୍ଦ୍ଦେଶକ ସମ୍ପଦ ମହାପାତ୍ର କହିଲେ, ଅନେକ ପ୍ରକାଶିତ କାହାଣୀକୁ ନେଇ ସିନେମା ହୋଇଛି। ତେବେ ସିନେମା ନିର୍ମାଣ ପରେ ଓଡ଼ିଆ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ପ୍ରକାଶନ ସଂସ୍ଥାର ଉଦ୍ୟମ ସମ୍ଭବତଃ ପ୍ରଥମ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିନେତ୍ରୀ ତ୍ରିପୁରା ମିଶ୍ର କହିଲେ, ଚାରି ପାଞ୍ଚ ଦଶକ ତଳେ ସିନେମା ପାଇଁ କାହାଣୀ (କଣ୍ଟେଣ୍ଟ) ଖୋଜିବାକୁ ପଡୁଥିଲା। ଏବେ କଣ୍ଟେଣ୍ଟର ଅଭାବ ନାହିଁ। ଓଟିଟି, ସାମାଜିକ ଗଣମାଧ୍ୟମ ଓ ୟୁଟ୍ୟୁବ ଭଳି ପ୍ଲାଟ୍‌ଫର୍ମ ଆସିବା ପରେ ଓଡ଼ିଆ ଭାଷାରେ ବହୁ ମୌଳିକ ଓ ଆଦମ୍ଭିତ କଳାଭଳି କଣ୍ଟେଣ୍ଟ ଉପଲବ୍ଧ ହେଉଛି। ଦର୍ଶକ ମଧ୍ୟ ସହଜରେ ଏହାକୁ ଦେଖିପରୁଛନ୍ତି। 'କୋକୋଳି' ପୁସ୍ତକ ପ୍ରକାଶନ ଓଡ଼ିଆ ମୌଳିକ ସିନେମାର ଏକ ପ୍ରମାଣପତ୍ର ବୋଲି ସେ ମତ ଦେଇଥିଲେ।

ଜଳବାୟୁ ପରିବର୍ତ୍ତନର ପଟ୍ଟଭୂମିରେ ନୋଳିଆ ବସ୍ତିରେ ଏକ କରୁଣ ପ୍ରେମକାହାଣୀକୁ ନେଇ 'କୋକୋଳି'ର ନିର୍ମାଣ, ସଫଳତା ଓ ବିଶ୍ୱଯାତ୍ରା ବାବଦରେ ଲେଖକ, ନିର୍ଦ୍ଦେଶକ ତଥା ନିର୍ମାତା ସ୍ନେହାଶିଷ ଦାସ ଅଭିଜ୍ଞତା ବଖାଣିଥିଲେ। କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସଭାପତିତ୍ୱ କରିଥିବାବେଳେ କବି ଗିରୀଶ ରଞ୍ଜନ ପ୍ରାରମ୍ଭିକ ସୂଚନା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିବ୍ୟଜୀବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୁସ୍ତକଟି ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିତ ହୋଇଛି।

## ରାଓ୍ୱଡି ବୟଜ ଟିମ୍ ଚାମ୍ପିୟନ

**ବାଲିଅନ୍ତା,୧୩।୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣୁପୁର ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବିପିଏଲ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଲେଜେଣ୍ଡ ରୟାଲକୁ ହରାଇ ରାଓ୍ୱଡି ବୟଜ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ରୟାଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରିଥିଲା। ଜବାବରେ ରାଓ୍ୱଡି ଟିମ୍ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୧୨୪ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ହୃଷୀକେଶ ପାତ୍ର, କୃଷ୍ଣଚନ୍ଦ୍ର ଜେନା, ସଚ୍ଚିଦାନନ୍ଦ ଜେନା, ବୈକୁଣ୍ଠ ବଳବନ୍ତରାୟ, ଅକ୍ଷୟ ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଦିଲୀପ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍ ଟ୍ରଫି ଗ୍ରହଣ କରୁଛି।



ଜୈନ ଶ୍ୱେତମ୍ବର ତେରାପନ୍ଥ ସଭା ପକ୍ଷରୁ ଭୁବନେଶ୍ୱରସ୍ଥିତ ତେରାପନ୍ଥ ଭବନରେ ରବିବାର ଅନୁଷ୍ଠିତ ସ୍ୱାଗତ ସମାରୋହ।

## ପ୍ରିୟବ୍ରତ ସଭାପତି, ଅଜୟ ସାଧାରଣ ସମ୍ପାଦକ

**କଟକ ଅଫିସ,୧୩।୨**

**କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ**

କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବାଦାମବାଡ଼ିସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପ୍ରିୟବ୍ରତ ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଭାବେ ଅଜୟ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ନିରଞ୍ଜନ ସାହୁ, ମୁରଲୀଧର ବେହେରା, ପବିତ୍ର ମୋହନ ଖଟୁଆ, ସୁଧୀର ଚରଣ ମହାନ୍ତି, କିଶୋର ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ କୁମାର ସାହୁ, ଶିଶିର ପାତ୍ର, ବିବେକାନନ୍ଦ ଖଣ୍ଡେଇ, ପିନାକ ପାଣି ଷଡ଼ଙ୍ଗୀ, ଜୟ ପ୍ରକାଶ ମାହୁନ୍ତ, ସହକାରୀ ସମ୍ପାଦକ ଭାବେ ରବି ନାରାୟଣ ବେହେରା, ଶ୍ରୀନିବାସ ଶତପଥୀ, ସୁବ୍ରତ କୁମାର ସାହୁ ଓ କୋଷାଧକ୍ଷ ଭାବେ ରବୀନ୍ଦ୍ର କୁମାର ସିଂ ମନୋନୀତ ହୋଇଛନ୍ତି। ସେହିପରି ଅଲେଖ ଚନ୍ଦ୍ର ରାଉତ, ଲଳିତ କୁମାର ମହାନ୍ତି, ଅଭୟ ପଟ୍ଟନାୟକ, ସନ୍ଦୀପ ଦ୍ୱିବେଦୀ, କଳ୍ପତରୁ ସାମଲ, କିଶୋର ସାହୁ, ମନୋଜ ତ୍ରିପାଠୀ, ରାଜନ ଖାଁ, ପ୍ରଭାତ ନାୟକ, ମିର୍ଜା ଗୌସର ଅଲି ବେଗ୍, ଅଭିଜିତ୍ ସାହୁଙ୍କ ସମେତ ୨୬ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ରବିବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ଅପରାହ୍ନ ୫ଟା ୩୦ରେ ଫଳ ଘୋଷଣା କରାଯାଇଥିଲା। ନିର୍ବାଚିତ ସଦସ୍ୟମାନେ ଆସନ୍ତା ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ ବୋଲି କଟକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ବାଚନ ଅଧିକାରୀ ରବି ମଲ୍ଲିକ ସୂଚନା ଦେଇଛନ୍ତି।


ପ୍ରିୟବ୍ରତ ତ୍ରିପାଠୀ


ଅଜୟ କୁମାର ବାରିକ

## କବିତା ପୁସ୍ତକ ଅନୁଭବର ଆକର୍ଷଣ ଓ ଅନ୍ତରଙ୍ଗ ଅନୁଭବ ଉନ୍ମୋଚିତ

**ଭୁବନେଶ୍ୱର,୧୩।୨(ବ୍ୟୁରୋ)**

ସୁସାହିତ୍ୟିକା , କୋଠାଘର ଆମ ସାହିତ୍ୟ ପରିବାରର ପ୍ରତିଷ୍ଠାତା, ସମ୍ପାଦିକା କବୟିତ୍ରୀ ଅମ୍ବିକା ସ୍ୱାଇଁଙ୍କର ଦୁଇଟି କବିତା ପୁସ୍ତକ "ଅନୁଭବର ଆକର୍ଷଣ" ଓ"ଅନ୍ତରଙ୍ଗ ଅନୁଭବ" ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ତଥା ପାଲିସ ମହା ନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। କାଦମ୍ବିନୀର ସମ୍ପାଦିକା ଡଃ ଇତି ସାମନ୍ତ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଭାପତି ଡଃ ହୁସେନ ରବି ଗାନ୍ଧୀ, ବାଲ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ମନୋନୀତ ଡଃ ଦିଗରାଜ ବ୍ରହ୍ମାଙ୍କ କରକମଳରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୁସ୍ତକ ୨ଟି ପାଠକୀୟ ଆଦୃତି ଲାଭ କରିବା ନେଇ ପୁସ୍ତକର ମୁଖବନ୍ଧ ଲେଖିଥିବା ଭାଷାବିଜ୍ଞାନୀ ଡଃ ଦେବାଶିଷ ମହାପାତ୍ର, ଜ୍ଞାନପ୍ରକାଶକ ପବ୍ଲିକେସନ୍ସର ପ୍ରକାଶକ ଜ୍ଞାନଚାନ୍ଦ ଶତପଥି ଏବଂ ସମସ୍ତ ସମ୍ମାନୀତ ଅତିଥି ସମୀକ୍ଷା କରି କହିଥିଲେ। ଏହି ଅବସରରେ ଗାୟିକା ସୁଶ୍ରୀ ଶୈଳଭାମା ମହାପାତ୍ର ଭଜନ ପରିବେଷଣ କରିଥିଲେ।

## ବଳାତ୍କାର ଉଦ୍ୟମ ମାମଲା: ଅଭିଯୁକ୍ତ ଗିରଫ

**ବଲଙ୍ଗା, ୧୩।୨(ଡି.ଏନ୍.ଏ):**

ବଲଙ୍ଗା ଥାନା ଅଞ୍ଚଳର ନାବାଳିକା(୭) ବଳାତ୍କାର ଉଦ୍ୟମ ମାମଲାରେ ଅଭିଯୁକ୍ତ ବୁଲୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ବିବାହ ଉତ୍ସବରେ ଯୋଗଦେବା ପାଇଁ ମାମୁଘରକୁ ଆସିଥିଲେ। ଉତ୍ସବରେ ଟେଣ୍ଟ କାମ କରୁଥିବା ଅଭିଯୁକ୍ତ ବୁଲୁ ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ. ୩୦/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ବୁଲୁଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି କହିଛନ୍ତି।

## ବକୁଳବନରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ

**ସାକ୍ଷୀଗୋପାଳ,୧୩।୨(ଡି.ଏନ୍.ଏ.):**

ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଐତିହାସିକ ବକୁଳବନରେ ରବିବାର ପୁଣି ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ପ୍ରାରମ୍ଭରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଭାରତ ବିକାଶ ପରିଷଦର କର୍ମକର୍ତ୍ତାମାନେ ବକୁଳବନ ମଧ୍ୟରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତି ସଂଲଗ୍ନ ମଣ୍ଡପ ସଫେଇ କରିଥିଲେ। ସତ୍ୟବାଦୀ ଦାସ, ନବଘନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ଗ୍ରୀନ୍-୩୦ର ଧର୍ମେନ୍ଦ୍ର ଖର ଓ ହିମାଂଶୁ ନାୟକ, ସୁନାକର ପତି, ବିଷ୍ଣୁ ମହାରଣା, ମନୋଜ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସମର କେଶରୀ ପ୍ରଧାନ, ସୁଶାନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବେଗୁନିଆ,୧୩।୨(ଡି.ଏନ୍.ଏ.)**

**ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ଟାଉନ୍ ହଲ୍ ନିକଟରେ ରବିବାର ଭୋରୁ ଏକ ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ଶରତ ଚନ୍ଦ୍ର ସାହୁ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତଦେହ ରଖି ପରିବାର ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ଶରତ ଶ୍ରମିକ ଭାବେ କାର୍ଯ୍ୟକରି ପରିବାର ଚଳାଉଥିଲେ। ସବୁଦିନ ଭଳି ରବିବାର ଭୋରୁ ଘରୁ ବାହାରି ରାଉତପଡା ଗ୍ରାମର ଏକ ଫାର୍ମକୁ କାମ କରିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶରତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିର ଠିକଣା ଖୋଜି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପ୍ରାୟ ୨୦ ମିନିଟ୍ ରାସ୍ତା ଅବରୋଧ ପରେ ସ୍ଥାନୀୟ ତହସିଲଦାର ପୃଥିରାଜ ମଣ୍ଡଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବେଗୁନିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୯/୨୨) ରୁଜୁ କରି ତଦନ୍ତ ଚଳାଇଛି।


ରାସ୍ତାରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ଧାରଣାରେ ବସିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୩।୨।୨୦୨୨

| | |
|---|---|
| ୪,୧୪,୪୯୯ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ |
| ରୁପା | ୧୮.୬୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ବାଲିଅନ୍ତା**

- ବିଶ୍ୱଶାନ୍ତି ଅତିରୁଦ୍ରଯଜ୍ଞର ଶତରୁଦ୍ରାଭିଷେକ, ବେଣୁପୁର, ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସକାଳ ୮ଟା।

**କଟକ**

- ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ, ମାଲଗୋଦାମ ତାଳଦଣ୍ଡା କେନାଲ, ସକାଳ ୯ଟା।
- ହିନ୍ଦୁସେନା ଛାତ୍ର ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟ କମ୍ୟୁନିଟି ହଲ୍, ଓଡ଼ିଆ ବଜାର, ସକାଳ ୯ଟା।
- କଟକ ନଗର ଭାଜପା ପକ୍ଷରୁ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ସ୍ମାରକ ପତ୍ର ପ୍ରଦାନ, ସିଏମସି କାର୍ଯ୍ୟାଳୟ, ଚୌଧୁରୀ ବଜାର, ପୂର୍ବାହ୍ନ ୧୧ଟା. ରେଭେନ୍‌ଶା ଛାତ୍ରାବାସ ସଂଘ ପକ୍ଷରୁ କୁଳପତିଙ୍କୁ ଦାବିପତ୍ର ପ୍ରଦାନ, ମଧ୍ୟାହ୍ନ ୧୨ଟା।
- ସୁଭାଷ ସଙ୍ଗଠନ ପକ୍ଷରୁ ପୁଲୱାମାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଜୋବ୍ରା ପାର୍କ ଛକ, ସନ୍ଧ୍ୟା ୫ଟା।

## ସଙ୍ଗୀତରେ ଲତା, ଦାମୋଦରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୩।୨(ବ୍ୟୁରୋ):** ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା, ଭାରତ ରତ୍ନ ଲତା ମଙ୍ଗେସକର ଏବଂ ଓଡ଼ିଶାର ପ୍ରଖ୍ୟାତ ଶାସ୍ତ୍ରୀୟ ସଙ୍ଗୀତଗୁରୁ ଦାମୋଦର ହୋତାଙ୍କ ମହାପ୍ରୟାଣରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସିନେକ୍ରିଟିକ ଆସୋସିଏସନ, ' ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ମୃତି ସମାରୋହରେ ରାଜ୍ୟର ଅନେକ ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀ ସଙ୍ଗୀତ ମାଧମରେ ଲତା ଓ ହୋତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏମ୍‌ପି ତଥା 'କିଟ' ଓ 'କିସ'ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। 'କାଦମ୍ବିନୀ'ର ସମ୍ପାଦିକା ଇତି ସାମନ୍ତ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ ସୁବୋଧ ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦୁଇ ଦିବଙ୍ଗତ ପ୍ରତିଭାଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନ ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ଉତ୍ସବରେ କିଶୋର କଳାକାର ରାକେଶ ବିଶ୍ୱାଳ ଭାଓଲିନରେ ଲତାଙ୍କ ସଙ୍ଗୀତର ସ୍ୱର ପରିବେଷଣ କରିଥିବାବେଳେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଲୋଭା ବିଶାଳ, ଛନ୍ଦା ମିଶ୍ର, ସୀମା ମହାନ୍ତି, ପ୍ରୀତିନନ୍ଦା ରାଉତରାୟ, ପ୍ରତିଭା ପ୍ରଧାନ, ଅଚ୍ୟୁତ ମିଶ୍ର, ଅରୋଶିଷ ପାଣି, ଅର୍ଣ୍ଣବ ପଣ୍ଡା, କୈଳାସ ମଲ୍ଲିକ, ଆଶିଷ ଦତ୍ତ ପ୍ରମୁଖ ସଂଗୀତ ଗାନ କରିଥିଲେ । ସଂଗୀତଜ୍ଞ ଅବନୀକାନ୍ତ ଦାସ ସଙ୍ଗୀତ ସନ୍ଧ୍ୟାକୁ ସଂଯୋଜନା କରିଥିବା ବେଳେ ଉପସ୍ଥାପନ କରିଥିଲେ ଅଭିଷେକ। ରବୀନ୍ଦ୍ର ବିଶାଳ, ପ୍ରଶାନ୍ତ ପାଇକରାୟ, ମଣ୍ଟୁ ମହଲା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।





ଭୁବନେଶ୍ୱର ସୂଚନାଭବନରେ ରବିବାର ଅନୁଷ୍ଠିତ ରେଡ଼ିଓ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।

# ପୁଣି ରେଡିଓର ଦିନ ଫେରୁଛି

ଭୁବନେଶ୍ୱର, ୧୩।୨ (ବ୍ୟୁରୋ)

ଦିନ ଥିଲା ମନୋରଞ୍ଜନଠାରୁ ଆରମ୍ଭ କରି ଖବର ପ୍ରସାରଣର ଏକମାତ୍ର ମାଧ୍ୟମ ଥିଲା ରେଡିଓ। ସମୟକ୍ରମେ ଆଧୁନିକତା ସହ ତାଳ ଦେଇ ଟେଲିଭିଜନଠାରୁ ଆରମ୍ଭ କରି ସୋସିଆଲ ଓ ଡିଜିଟାଲ ମିଡିଆ ଆସିଲା। ମାତ୍ର ଯେତେ ଯାହା ଆସିଲେ ବି ରେଡିଓ ଶୁଣିବାର ମଜା ନିଆରା। କେବଳ ସେତିକି ନୁହେଁ, ଏବେ ରେଡିଓ ବିକାଶ ଦିଗରେ ମଧ୍ୟ ସହାୟକ ହେଉଛି। ତେଣୁ ପୁଣିଥରେ ରେଡିଓର ଦିନ ଫେରୁଛି ବୋଲି ରବିବାର ଆଉଟ୍‌ରିଚ୍ ପକ୍ଷରୁ ସୂଚନା ଭବନଠାରେ ଅନୁଷ୍ଠିତ 'ବିଶ୍ୱ ରେଡିଓ ଦିବସ'ରେ ମତ ପ୍ରକାଶ ପାଇଛି।

କାର୍ଯ୍ୟକ୍ରମକୁ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉଦ୍‌ଘାଟନ କରି ସମସ୍ତେ ରେଡିଓ ଶୁଣିବାକୁ ପରାମର୍ଶ ଦେଇଥିଲେ। ଏଥିସହ ରେଡିଓର ପ୍ରଚାର ପ୍ରସାର ଦିଗରେ ଅନୁଷ୍ଠାନର ଏଭଳି ନିରନ୍ତର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ୫ଶହ ପୁରୁଣା ରେଡିଓକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସେହିପରି କରୋନା ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୫ଜଣ ରେଡିଓ ପ୍ରସାରକ ଜଗଦୀଶ ଅଧିକାରୀ, ଆର୍‌ଜେ କୋୟଲ, ଆର୍‌ଜେ ଜୟଶ୍ରୀ, ଗୀତାଞ୍ଜଳି ପାତ୍ର ଓ ବିଜୟଲକ୍ଷ୍ମୀ ପତ୍ରୀ ଏବଂ ଚିକିତ୍ସା କ୍ଷେତ୍ରରେ ଡା .ଆଶୁତୋଷ ମହାପାତ୍ର ଓ ଡା. ବିଶ୍ୱଜିତ ନନ୍ଦଙ୍କୁ 'ଆଉଟ୍‌ରିଚ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆକାଶବାଣୀ କଟକର କାର୍ଯ୍ୟକ୍ରମ ନିଷ୍ପାଦକ ରଣଦୀପ ପ୍ରଧାନ ଅତିଥି ଭାବେ ଯୋଗଦେଇ ଟେଲିଭିଜନ, ଇଣ୍ଟରନେଟ୍ ଯୁଗରେ ମଧ୍ୟ ରେଡିଓ ତାହାର ଅସ୍ତିତ୍ୱ ହରାଇ ନାହିଁ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଓ ରାଜ୍ୟ ସୂଚନା କମିଶନର ଦିଲୀପ ବିଶୋୟୀ ଯୋଗଦେଇ ରେଡିଓ ଉପରେ ମତ ରଖିଥିଲେ। ଅନୁଷ୍ଠାନ ମୁଖ୍ୟ ସୁବ୍ରତ କୁମାର ପତି ସଭାପତିତ୍ୱ କରି କହିଲେ, ଗତ ୯ ବର୍ଷ ଧରି ରେଡିଓର ପ୍ରଚାର ପ୍ରସାର ପାଇଁ ରେଡ଼ିଓ ମେଳା ଆୟୋଜନ ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ବିଶ୍ୱ ରେଡିଓ ଦିବସରେ ଆୟୋଜିତ ହୋଇଆସୁଥିବା ଅନ୍ତର୍ଜାତୀୟ ରେଡିଓ ମେଳାକୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ସେ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଗଜଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲ୍ୟୁଟ୍‌ନାଣ୍ଟ କଲୋନେଲ ସୋନାଲି ରଥ ସ୍ୱାଗତ ଭାଷଣ ଓ କଲୋନେଲ ଦେବଦତ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




## ରେଡିଓ ଦିବସର ୧୦ବର୍ଷ ପୂର୍ତ୍ତି

ଓଡ଼ିଶାରେ ୨୦୧୨ରୁ ରେଡିଓ ଦିବସ ପାଳନ କରାଯାଉଛି। ଏହି ଦିବସର ୧୦ବର୍ଷ ପୂର୍ତ୍ତି ଅବସରରେ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ଓ ପ୍ରଶାନ୍ତି ଏଜୁକେଶନାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ୟୁନିଟ୍-୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ବିଶ୍ୱ ରେଡିଓ ଦିବସ ରବିବାର ପାଳିତ ହୋଇଯାଇଛି। ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ୱେବ୍ ଡିଜାଇନର ତଥା ଗଣମାଧ୍ୟମ ଆକ୍ଟିଭିଷ୍ଟ ଇଞ୍ଜିନିୟର ବୀରେନ ଦାସ, ଭାରତ ସରକାରଙ୍କ ସୂଚନା ଓ ପ୍ରସାର ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟର ପ୍ରୋଗ୍ରାମ କୋଅର୍ଡିନେଟର ମହେନ୍ଦ୍ର ପ୍ରସାଦ ଜେନା, ଓଡିଶା ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବରିଷ୍ଠ ପ୍ରବନ୍ଧକ ସୁଶ୍ରୀ ସଂଯୋଗିତା ମିଶ୍ର ଯୋଗଦେଇଥିଲେ। ରେଡିଓର ଉପକାରିତା, ପ୍ରଚାର ପ୍ରସାର, ଗ୍ରାମୀଣ ଓ ସହରାଞ୍ଚଳ ଲୋକଙ୍କ ସହିତ ନିବିଡ଼ତା ବୃଦ୍ଧି ଉପରେ ଆଲୋଚନା କରିଥିଲେ। ବାଚସ୍ପତି ପାତ୍ର କହିଲେ, ଯୁଗ ପରିବର୍ତ୍ତନ ହେବା ସହ ମଣିଷ ଆଜି ଆଧୁନିକ ସମାଜରେ ପାଦ ଥୋଇଛି। ରେଡିଓରୁ ଆରମ୍ଭ କରି ପୋଷ୍ଟକାର୍ଡ ଯାଏ ସବୁ ଲୋପ ପାଇବାକୁ ବସିଛି। ଏହାକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଥିବା ଅନୁଷ୍ଠାନକୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ କଣ୍ଠଶିଳ୍ପୀ ସୁଶ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଓ କୃତୀ ପ୍ରତିଯୋଗୀଙ୍କୁ ରେଡିଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ପରିବେଶବିତ୍ ରୋଟାରିଆନ ପ୍ରଫେସର ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଅସ୍ତିତ୍ୱର ସମ୍ପାଦିକା ଡ. ମମତା ଦାଶ ସଂଚାଳନା କରିଥିଲେ।



# ସବର୍ଣ୍ଣଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦିଆଯାଉ




ବାର୍ଷିକ ସମ୍ମିଳନୀରେ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତିର ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସମେତ ଅନ୍ୟ କର୍ମକର୍ତ୍ତା।

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତିର ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀଠାରେ ସମିତି ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେଉଟ, କୈବର୍ତ୍ତ, ଧୀବର ଆଦି ସବର୍ଣ୍ଣ ଜାତିକୁ ଅନୁସୂଚିତ ଜାତି (ଏସ୍‌ସି) ତଳିକାରୁ ବାଦ୍ ଦେବା ପାଇଁ ସମ୍ମିଳନୀରେ ଦାବି କରାଯାଇଛି। ଏମାନେ ଚକ୍ରାନ୍ତ କରି ଏସ୍‌ସି ତାଲିକାକୁ ୨୦୦୨ ଡିସେମ୍ବରରେ ପଶି ଆସିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କୁ ବିରୋଧ କରାଯାଉଥିଲେ ମଧ୍ୟ ସରକାର ତାଙ୍କୁ ଏସ୍‌ସି ତାଲିକାରୁ ବାଦ ଦେଉନାହାନ୍ତି। ବରଂ ତାଙ୍କୁ ସାଦୃଶ କରି ରାଜି, ନିଆରି, ଘଣି ଆଦି ସାତଟି ଜାତିକୁ ଏସ୍‌ସି ତାଲିକାରେ ସ୍ଥାନ ଦେବାଲାଗି ସରକାର ସୁପାରିସ କରିଛନ୍ତି। ଏହାଦ୍ୱାରା ଅନୁସୂଚିତ ଜାତି ବର୍ଗର ସଂଖ୍ୟାନୁପାତିକ ୪୦ ଭାଗ ସଂରକ୍ଷଣରୁ ସିଂହଭାଗ ହଡ଼ପ ହୋଇଯାଉଛି ବୋଲି ଅଭିଯୋଗ କରାଯାଇଛି। ଏଣୁ ସୁପାରିଶ ହୋଇଥିବା ରାଜି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିର ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବଙ୍କୁ ଏସ୍‌ସି ତାଲିକାଭୁକ୍ତ କରିବା ଏବଂ ସଅର, ସଉରା ଜାତିକୁ ଏସ୍‌ଟି ତାଲିକାଭୁକ୍ତ କରିବା ନିମନ୍ତେ ସମିତି ଉପସଭାପତି ଲକ୍ଷ୍ମଣ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ବନ୍ଧୁ ସେଠୀ, ଡିଙ୍ଗର କୁମ୍ଭାର, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସାଧାରଣ ସମ୍ପାଦକ ସୁନାକର ବେହେରା ପ୍ରମୁଖ ଦାବି କରିଛନ୍ତି।

## ଓଡ଼ିଆ ନବବର୍ଷରୁ ଆରମ୍ଭ ବିସ୍ତାରିତ ଓଡ଼ିଶା

ଭୁବନେଶ୍ୱର,୧୩।୨(ବ୍ୟୁରୋ)

ଓଡ଼ିଆ ସମାଜକୁ ଅଗ୍ରଗାମୀ କରିବା ଲକ୍ଷ୍ୟନେଇ ବିସ୍ତାରିତ ଓଡ଼ିଶା ଗଠିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ରବିବାର ଉତ୍କଳ ସାମ୍ବାଦିକ ଭବନରେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସଭାପତି ଗୁରୁକଲ୍ୟାଣ ମହାପାତ୍ର ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ କହିଲେ, ଆସନ୍ତା ଓଡ଼ିଆ ନବବର୍ଷରୁ ଆରମ୍ଭ ହେଉଛି ପାକ୍ଷିକ ପତ୍ରିକା 'ବିସ୍ତାରିତ ଓଡ଼ିଶା'। ଓଡ଼ିଶା ବାହାରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ସ୍ୱାଭିମାନ, ସାଂସ୍କୃତିକ ଜାଗରଣ ଓ ପରସ୍ପର ମଧ୍ୟରେ ଓଡ଼ିଆ ଭାବର ଆଦାନ ପ୍ରଦାନକୁ ସଙ୍ଗଠନ ଗୁରୁତ୍ୱ ଦେଉଛି। ଆବାହକ ବିପିନ ବିହାରୀ ମିଶ୍ର, ସାଧାରଣ ସମ୍ପାଦକ ଗୋଲକ ବିହାରୀ ସିଂହ କହିଲେ, ଏହି ଅନୁଷ୍ଠାନ ରାଜ୍ୟର ଉଚ୍ଚାଙ୍ଗ ଐତିହ୍ୟ ତଥା ପରମ୍ପରା ପ୍ରତି ପ୍ରବାସୀ ଓଡ଼ିଆମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ତା'ର ସାଂସ୍କୃତିକ ବିବିଧତାକୁ ଫଳପ୍ରଦ ଭାବେ ଉପସ୍ଥାପିତ କରିବାର ସୁଯୋଗ ସୃଷ୍ଟି କରିବ।




**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବାରକ୍ଷ



@ ଅମୀୟ



@ ସ୍ମୃତିରେଖା



@ ହରିଚନ୍ଦନ



@ ସୁଶୋଭନ



@ ତପନ

## ଉତ୍କଳ ସ୍ପୋର୍ଟିଂକୁ ହରାଇ ରାମଧୂନ କ୍ଲବ ଚାମ୍ପିୟନ

ଯାଁଳା,୧୩।୨(ଡି.ଏନ୍.ଏ.)

### ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଜଟଣୀର ଉତ୍କଳ ସ୍ପୋର୍ଟିଂ କ୍ଲବକୁ ୨-୦ ଗୋଲରେ ହରାଇ ସୋନପୁରର ରାମଧୂନ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ୨ୟ ମିନିଟରେ ରାମଧୂନ କ୍ଲବର ଜିତେନ୍ଦ୍ର ଦେହୁରୀଙ୍କ ପାସ୍ ବଲରେ ବିକ୍ରମ ନାୟକ ଗୋଲ ଦେଇଥିଲେ। ପୁଣି ୧୫ ମିନିଟରେ ସମୀର ପ୍ରଧାନଙ୍କ ପାସ୍ ବଲରେ ଆକାଶ ଘୋଷ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଉତ୍କଳ ସ୍ପୋର୍ଟିଂ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ରାଜୁ ମହାନ୍ତି, ବିଦେଶୀ ନାୟକ, ରାଜେନ୍ଦ୍ର ବାରିକ ଓ ମିକୁନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ବିଭୂତି ଭୂଷଣ ବଳବନ୍ତରାୟ, ରାମତରା ଅଗ୍ରୱାଲ, ଶଶୀ କୁମାର ସାହୁ, ଅକ୍ଷୟ କୁମାର ସେନାପତି, ସୁରେଶ ଗୁଞ୍ଜି, ରାଜ ସ୍ୱାଇଁ, ସୁବ୍ରତ ଶେଖର ପଟ୍ଟନାୟକ, ଶରତ ସାହୁ, ତ୍ରୈଲୋକ୍ୟ ପ୍ରସାଦ ଦାସ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ହଜାର ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଶବର କ୍ଲବର ସମ୍ପାଦକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।




ସୁର ସମ୍ରାଜ୍ଞୀ ଲତା ମଙ୍ଗେସକର ଓ ଶାସ୍ତ୍ରୀୟ ସଙ୍ଗୀତଗୁରୁ ଦାମୋଦର ହୋତାଙ୍କ ସ୍ମୃତିରେ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ।




ଭୁବନେଶ୍ୱର ଉତ୍କଳ ସାମ୍ବାଦିକ ଭବନରେ ନବଗଠିତ ଅନୁଷ୍ଠାନ ବିସ୍ତାରିତ ଓଡ଼ିଶାର ପାକ୍ଷିକ ପତ୍ରିକାକୁ ରବିବାର ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଖୋର୍ଦ୍ଧା ଯାଁଳାଠାରେ ଚାଲିଥିବା ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଟ୍ରଫି ସହ ଚାମ୍ପିୟନ ରାମଧୂନ କ୍ଲବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ଫେବୃୟାରୀ, ୨୦୨୨

**ରେଡିଓ ଦିବସ ପାଳିଲେ ବରିଷ୍ଠ ନାଗରିକ**

ପୁରୀ ଅଫିସ: ପୁରୀ ସହରରେ ରବିବାର ବରିଷ୍ଠ ନାଗରିକଙ୍କ ପକ୍ଷରୁ ବେତାର ଦିବସ ପାଳନ କରାଯାଇଛି। ବାଳକୃଷ୍ଣ ମହାପାତ୍ର, କୁମୁଦିନୀ ପାଢ଼ୀ ଓ ଜଗନ୍ନାଥ ପାଢ଼ୀ ପ୍ରମୁଖ ରେଡିଓକୁ ଏକ ଟେବୁଲ ଉପରେ ରଖି ତାକୁ ପୂଜା କରିବା ସହ ଚକଲେଟ୍ ବାଣ୍ଟିଥିଲେ। ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ହେବ ସେମାନେ ରେଡିଓ ବ୍ୟବହାର କରୁଥିବା କହିଛନ୍ତି। ରେଡିଓରୁ ସେମାନେ ଉପକୃତ ଓ ସଚେତନ ହେଉଥିବା ପ୍ରକାଶ କରିଛନ୍ତି। ରେଡିଓ ସବୁଦିନ ପାଇଁ ନିଜର ସ୍ଥାନ ବଜାୟ ରଖିବ ବୋଲି ସେମାନେ କହିଥିଲେ।



## ସଂକ୍ଷେପରେ

### ଶ୍ରୀଗୋପାଳ ଜୀଉ କ୍ଲବର ଡ୍ରାମା ଉତ୍ସବ

ପିପିଲି, ୧୩।୨(ସ୍ୱ.ପ୍ର.): ପିପିଲି ପୌରାଞ୍ଚଳ ଅଧୀନ ଜୟପୁର ଶାସନ ଗ୍ରାମରେ ଶ୍ରୀଗୋପାଳ ଜୀଉ କ୍ଲବର ଦଶମ ବାର୍ଷିକ ଡ୍ରାମା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମ ମେଳଣ ପଡ଼ିଆରେ ଗତ ୨ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ କ୍ଲବ ସଭାପତି ବାଗୁନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା, ସଂସ୍କୃତି ଓ ଐତିହ୍ୟ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଏଭଳି କାର୍ଯ୍ୟକ୍ରମ ପାଇଁ ନାଟ୍ୟ ନିର୍ଦ୍ଦେଶକ ବାନାମ୍ବର ସୁବୁଦ୍ଧିଙ୍କୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ରାଜକିଶୋର ସ୍ୱାଇଁ, ପୂର୍ବତନ ନଗରପାଳ ସେକ୍ ବାବୁ, ପୂର୍ବତନ କାଉନସିଲର ଅଜୟ ମହାରଣା ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ବାନାମ୍ବର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ 'ଆମ ଗାଁ ଜଗାଥ ଟମ ଗାଁ ଆହ୍ଲା' ଏବଂ 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ମଞ୍ଚସ୍ଥ ହୋଇଥିଲା। କଳାକାରମାନଙ୍କ ଅଭିନୟ ସମସ୍ତଙ୍କ ମନ ଛୁଇଁଥିଲା। କ୍ଲବ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଳାତ୍କାର ଉଦ୍ୟମ ମାମଲା: ଅଭିଯୁକ୍ତ ଗିରଫ

ବଳଙ୍ଗା, ୧୩।୨(ଡି.ଏନ୍.ଏ): ବଳଙ୍ଗା ଥାନା ଅଞ୍ଚଳର ନାବାଳିକା(୭) ବଳାତ୍କାର ଉଦ୍ୟମ ମାମଲାରେ ଅଭିଯୁକ୍ତ ବୁଲୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ବିବାହ ଉତ୍ସବରେ ଯୋଗଦେବା ପାଇଁ ମାମୁଘରକୁ ଆସିଥିଲେ। ଉତ୍ସବରେ ଟେଣ୍ଟ କାମ କରୁଥିବା ଅଭିଯୁକ୍ତ ବୁଲୁ ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ. ୩୦/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି କହିଛନ୍ତି।

### ପୁରୀକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ

ପୁରୀ ଅଫିସ, ୧୩।୨: ପୁରୀ ସହରର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସହ ସବୁଜ ସୁନ୍ଦର କରିବା ଲକ୍ଷ୍ୟ ନେଇ ହାପିନେସ୍ ଫାଉଣ୍ଡେଶନ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏହ ପରିପ୍ରେକ୍ଷୀରେ ରବିବାର ଷ୍ଟେଶନ୍ ରୋଡରୁ ଅର୍ବାନ ହାଟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ୩୦ରୁ ଅଧିକ ବିଭିନ୍ନ ପ୍ରକାରର ଚାରା ଲଗାଯାଇଛି। ଫାଉଣ୍ଡେଶନର ସଦସ୍ୟମାନେ ଏହି ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି। ଜୈବ ବିବିଧତା, ସ୍ୱଚ୍ଛ ବାୟୁମଣ୍ଡଳ ସୃଷ୍ଟି ଉଦ୍ଦେଶ୍ୟରେ ଏଭଳି ପ୍ରୟାସ ଚାଲିଛି। ଭବିଷ୍ୟତରେ ପଥିକଙ୍କୁ ଏହି ଗଛଗୁଡ଼ିକ ଛାଇ ଦେବ ଓ ବାୟୁ ମଣ୍ଡଳର ଉଷ୍ମତା କମାଇବାରେ ସହାୟକ ହେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସଂଯୋଜକ ଜଗନ୍ନାଥ ପ୍ରଧାନ, ରାକେଶ କୁମାର ପରିଡ଼ା, ସୌମ୍ୟ ରଞ୍ଜନ ସାହୁ, ସତ୍ୟ ପ୍ରକାଶ ବାରିକ, ଯଯାତି କେଶରୀ ନାୟକ, ପ୍ରଶାନ୍ତ ମହାପାତ୍ର, ପ୍ରସନ୍ନ କୁମାର ସାହୁ, ମନ୍ମଥ କୁମାର ଦାଶ, ଦୀପକ ପାତ୍ର, ସନ୍ଦୀପ କୁମାର ଦାସ, ଶମ୍ଭୁ ମହାନ୍ତି, ସୁଶିଲ କୁମାର ସାହୁ, ପ୍ରଶାନ୍ତ ଜେନା, ଲକ୍ଷ୍ମୀଧର ବେହେରା, ଜ୍ଞାନ ପ୍ରସାଦ ଦାସ ମାମଲି ସୁବୁଦ୍ଧି, ମୀରା ସାହୁ ଏବଂ ସୁମିତ୍ରା ନାୟକ ସାମିଲ ଥିଲେ।

# ୩,୦୮,୨୪୧ ଭୋଟର କରିବେ ମତଦାନ

- ୧୬ରେ କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସ ବ୍ଲକରେ ଭୋଟ ଗ୍ରହଣ
- ମତଦାନ କେନ୍ଦ୍ରକୁ ଆଜି ଯିବେ ପୋଲିଂ ପାର୍ଟି

**ପୁରୀ ଅଫିସ, ୧୩।୨:**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଆସନ୍ତା ୧୬ ତାରିଖରେ କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ କଣାସ ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। କୃଷ୍ଣପ୍ରସାଦ ବ୍ଲକ୍‌ର ୨୧ଟି ଗ୍ରାମ ପ୍ରଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୨୪୦ ୱାର୍ଡ, ୨ଟି ଜିଲାପରିଷଦ ଜୋନ୍, ବ୍ରହ୍ମଗିରିର ୨୫ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୩୭୪ଟି ୱାର୍ଡ, ୩ଟି ଜିଲା ପରିଷଦ ଜୋନ୍ ଓ କଣାସ ବ୍ଲକ୍‌ର ୨୮ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୩୫୯ଟି ୱାର୍ଡ ଓ ୩ ଜିଲା ପରିଷଦ ଆସନ ପାଇଁ ମତଦାନ ହେବ। କୃଷ୍ଣପ୍ରସାଦ ବ୍ଲକ୍‌ରେ ୫୬ ଜଣ ସରପଞ୍ଚ ପ୍ରାର୍ଥୀ, ୪୯ ଜଣ ସମିତି ସଭ୍ୟ, ୩୬୬ ଜଣ ୱାର୍ଡମେମ୍ବର, ୧୨ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ସେହିଭଳି ବ୍ରହ୍ମଗିରି ବ୍ଲକ୍‌ରେ ୯୩ ଜଣ ସରପଞ୍ଚ, ୬୮ ଜଣ ସମିତି ସଭ୍ୟ, ୬୯୭ ୱାର୍ଡମେମ୍ବର ଓ ୧୫ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ମତଦାନ ହେବ। କଣାସ ବ୍ଲକ୍‌ରେ ୯୩ ଜଣ ସରପଞ୍ଚ, ୯୦ ଜଣ ସମିତିସଭ୍ୟ, ୭୦୩ ଜଣ ୱାର୍ଡମେମ୍ବର ଓ ୧୫ ଜଣ ଜିଲାପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏହି ପର୍ଯ୍ୟାୟରେ କୃଷ୍ଣପ୍ରସାଦ ବ୍ଲକ୍‌ର ୭୩ ହଜାର ୫୯୨, ବ୍ରହ୍ମଗିରିର ୧ ଲକ୍ଷ ୧୫ ହଜାର ୩୧୨ ଓ କଣାସର ୧ ଲକ୍ଷ ୧୯ ହଜାର ୩୩୭ ଜଣ ଭୋଟର ମତଦାନ କରିବେ। ପ୍ରଥମ ପର୍ଯ୍ୟାୟ ମତଦାତାଙ୍କ ସଂଖ୍ୟା ୩ ଲକ୍ଷ ୮ ହଜାର ୨୪୧। ପୋଲିଂ ପାର୍ଟି ୧୪ ତାରିଖରେ ସମ୍ପୃକ୍ତ ବ୍ଲକ୍‌ରେ ରିପୋର୍ଟିଂ କରିବା ପରେ ସେମାନଙ୍କ ମତଦାନ କେନ୍ଦ୍ର ଅଭିମୁଖେ ଯିବେ। କୃଷ୍ଣପ୍ରସାଦର ଚିଲିକା ମଧ୍ୟରେ ଥିବା ୧୪ଟି ପଞ୍ଚାୟତରେ ଭୋଟ ଗ୍ରହଣ ଲାଗି ପୋଲିଂ ପାର୍ଟି ଯିବା ଆସିବା ପାଇଁ ଭେସେଲ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ଅବଗତ କରାଇଛନ୍ତି। ଏଥିସହ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା କରିବାକୁ କୃଷ୍ଣପ୍ରସାଦ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହୋଇ ଆସନ୍ତା ୨୬ ତାରିଖରେ ସଂପୃକ୍ତ ବ୍ଲକ୍‌ରେ ଭୋଟ ଗଣତି ହେବ।





'ଦି ମିଡିଆ'ର ଦଶମ ପ୍ରତିଷ୍ଠା ଦିବସରେ ରବିବାର ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ।

## ଚତୁର୍ଥ ସ୍ତମ୍ଭ ମାର୍ଗଦର୍ଶୀ ଭୂମିକା ନେବାର ସମୟ ଆସିଛି

**ପୁରୀ ଅଫିସ, ୧୩।୨:**

ରାଜ୍ୟସ୍ତରୀୟ କର୍ତ୍ତବ୍ୟରତ ସାମ୍ବାଦିକ ଓ ଲେଖକ ଫୋରମ 'ଦି ମିଡିଆ'ର ଦଶମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଗଣତନ୍ତ୍ରର ସୁରକ୍ଷା ଓ ସାମ୍ବାଦିକତାର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଦି ମିଡିଆ'ର ଅଧ୍ୟକ୍ଷ ସାମ୍ବାଦିକ ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜର ପୂର୍ବତନ ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗ ଦେଇ କହିଥିଲେ, ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ଚତୁର୍ଥ ସ୍ତମ୍ଭ ଆଜି ମାର୍ଗଦର୍ଶୀ ଭୂମିକା ନେବାର ସମୟ ଆସିଛି। ସଂଘୀୟ ରାଷ୍ଟ୍ର ବ୍ୟବସ୍ଥାରେ ଆଞ୍ଚଳିକ ବୈଷମ୍ୟ ଓ ଦଳମତ ନିର୍ବିଶେଷରେ ରାଷ୍ଟ୍ରୀୟ ସ୍ୱାର୍ଥ ଓ ସ୍ୱାଭିମାନକୁ ଗୁରୁତ୍ୱ ଦିଆଯିବା ଉଚିତ, ଯାହା ଗଣତନ୍ତ୍ରକୁ ସୁଦୃଢ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ବିନୋଦ କୁମାର ପଣ୍ଡା, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଆଇନଜୀବୀ ପୁଷ୍କର ମହାପାତ୍ର, ଇଂ. ସୁରେଶ ଚନ୍ଦ୍ର ବେହେରା ଏବଂ ଶିକ୍ଷାବିତ ଶିବ ସୁନ୍ଦର ମିଶ୍ର ପ୍ରମୁଖ ଯୋଗଦେଇ ଖବରଦାତାମାନେ ଅନୁସନ୍ଧାନମୂଳକ ଖବର ପରିବେଷଣ କରିବା ଉଚିତ ବୋଲି କହିଥିଲେ। ପ୍ରାରମ୍ଭରେ ଦି ମିଡିଆର ରାଜ୍ୟ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଏବଂ ଭବାନୀ ପ୍ରସାଦ ବଳିଆରସିଂହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଆଲୋଚନାଚକ୍ରରେ ପ୍ରମୋଦ କୁମାର ପଣ୍ଡା, ସତ୍ୟନାରାୟଣ ମିଶ୍ର, ପ୍ରତିଭା ତ୍ରିପାଠୀ, ଅଭିମନ୍ୟୁ ଭୂୟାଁ, ମଦନ ମୋହନ ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ, କାର୍ତ୍ତିକ କୁମାର ଦାସ, କାଳିନ୍ଦୀ ଚରଣ ପାତ୍ର, ସତ୍ୟ ନାରାୟଣ ରାଉତରାୟ, ସୁଦୀପ୍ତା ମିଶ୍ର, ରଞ୍ଜନ ମହାପାତ୍ର, ତୃପ୍ତି ପଣ୍ଡା ଏବଂ ଦାଶରଥି ମହାପାତ୍ର ପ୍ରମୁଖ ମତ ରଖିଥିଲେ। ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ତପନ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ନୃସିଂହ ଚରଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## କିନ୍ନରଙ୍କୁ ସଡ଼କ ସୁରକ୍ଷା ସଚେତନତା

**ପୁରୀ ଅଫିସ, ୧୩।୨:**

ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍)ର ଚେୟାରମ୍ୟାନ ମେଜର ଡ. କଳ୍ପନା ଦାସଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଆୟୁର୍ବେଦ ଅନୁସନ୍ଧାନ ପ୍ରତିଷ୍ଠାନ ସହଯୋଗରେ ରବିବାର କିନ୍ନରମାନଙ୍କୁ କରୋନା ପ୍ରତିଷେଧକ ବୃଦ୍ଧିକାରୀ ଔଷଧ ବଣ୍ଟନ କରାଯାଇଛି । ବାଲିସାହିସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଏଆର୍ଆଇର ଡ. ସୁସ୍ମିତା ପିଓଟା ଯୋଗଦେଇ କରୋନରୁ କିପରି ସୁରକ୍ଷିତ ରହିପାରିବେ ସେ ବିଷୟରେ ବୁଝାଇଥିଲେ। କିନ୍ନରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ତାଲିମ ପ୍ରଦାନ କଲେ ସେମାନେ ଅନ୍ୟ ପୁରୁଷ ଓ ମହିଳାଙ୍କ ଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସିଡବ୍ଲୁଡିଏସ୍‌ର ଚେୟାରମ୍ୟାନ ଦାସ ମତ ଦେଇଥିଲେ। ପ୍ରାୟ ୫୦ ଜଣ କିନ୍ନର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ସଡ଼କ ସୁରକ୍ଷାର ମାଷ୍ଟର ଟ୍ରେନର ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ କିଛି ଜୀବନ ରକ୍ଷକ କୌଶଳ ବିଷୟରେ ବୁଝାଇଥିଲେ। ଏଭଳି ଜୀବନ ସୁରକ୍ଷା କୌଶଳ ଦ୍ୱାରା କିନ୍ନରମାନେ ଗୁଡ ସମାରିଟାନ ହୋଇ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ବଞ୍ଚାଇବା ସହ ନିଜ ପାଇଁ ସମ୍ମାନ ସାଉଁଟି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ସ୍ୱାଇଁ କହିଥିଲେ। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବଦ୍ରିନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଲଲାଟେନ୍ଦୁ ମିଶ୍ର, ମଦର ସଙ୍ଗଠନ ସଚିବ ସସ୍ମିତା ଦାଶ ଓ ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କିନ୍ନରଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଇନର୍ ହ୍ୱିଲ୍ କ୍ଲବର ସଭାପତି ରୋଜି ଦତ୍ତ ମହାପାତ୍ର ଯୋଗ ଦେଇ ସେମାନଙ୍କୁ ଫେସ ଶିଲ୍ଡ ବଣ୍ଟନ କରିଥିଲେ। ସିଡବ୍ଲୁଡିଏସ୍‌ର ଜିଲା ମୁଖ୍ୟ କମଳ କୁମାର ଦାଶ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହିମାଦ୍ରୀ ନାୟକ, ଅଭିଜିତ୍ ପଣ୍ଡା, ପ୍ରକାଶ ପରିଡା, ଚନ୍ଦନ ନାହକ ଓ ହରପ୍ରିୟା ନନ୍ଦ ସହଯୋଗ କରିଥିଲେ। ରବି ଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

## ୩୯ ୱାର୍ଡରେ ଭାଜପାର ରୋଡ୍ ଶୋ'

**ନିମାପଡ଼ା, ୧୩।୨(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକର ୧୯ ଓ ୨୦ ନମ୍ବର ଜୋନରେ ରବିବାର ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା ଏବଂ ରୋଡ୍ ଶୋ' ଅନୁଷ୍ଠିତ ହୋଇଯାଇଛି। ଦୁଇ ସୁସଜ୍ଜିତ ଗାଡ଼ିରେ ୧୯ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ପଣ୍ଡା, ୨୦ନଂ. ଜୋନର ଜିଲାପରିଷଦ ପ୍ରାର୍ଥୀ ଜିଲେଟା ଦାସ, ଧନେଶ୍ୱର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ସଚ୍ଚିଦାନନ୍ଦ ରାଉତରାୟ, ସମିତି ସଭ୍ୟ ପ୍ରାର୍ଥୀ ବେବିନା ଜେନା, ରଚିଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ରିନା ମଲ୍ଲିକ ଓ ସମିତି ସଭ୍ୟ ପ୍ରାର୍ଥୀ ବିପିନ ଭୋଇ ୩୯ ୱାର୍ଡର ପ୍ରାୟ ୩୦ ଗ୍ରାମ ପରିକ୍ରମା କରି ପ୍ରଚାର କରିଥିଲେ। ବିକାଶ ହିଁ ଭାଜପାର ଲକ୍ଷ୍ୟ ବୋଲି କର୍ମୀମାନେ ନାରା ଦେଉଥିଲେ। ଏହି ପ୍ରଚାରରେ ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଯୁବ ନେତା ଦିଲୀପ ନାୟକ ସାମିଲ ହୋଇଥିଲେ। ଘରକୁ ଘର ବୁଲି ପ୍ରାର୍ଥୀଙ୍କ ସପକ୍ଷରେ କହିବା ସହ ଭୋଟ୍ ଲାଗି ନିବେଦନ କରିଥିଲେ।


ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭାଜପା ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ପ୍ରଚାର କରୁଛନ୍ତି ।

## ୩ ଜୋନ୍‌ରେ ବିଜେଡିର ହ୍ୟାଟ୍ରିକ ପାଇଁ ଉଦ୍ୟମ

**କଣାସ, ୧୩।୨(ସ୍ୱ.ପ୍ର.)**

କଣାସ ବ୍ଲକର ୩, ୪, ୫ ନମ୍ବର ଜୋନ୍‌ର ୨୦୧୨ ଓ ୨୦୧୭ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଲାଗି ବିଜେଡି ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ। ସେହିଭଳି ଚଳିତ ନିର୍ବାଚନରେ ଏହି ଜୋନ୍‌ଗୁଡ଼ିକରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ପ୍ରାର୍ଥୀମାନଙ୍କ ସହ ମିଶି ଗାଁ ଗାଁ, ଘର ଘର ବୁଲି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଚଳାଇଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସ ଜିଲା ପରିଷଦ ପାଇଁ କୌଣସି ପ୍ରାର୍ଥୀ ଦେଇ ନ ଥିବାରୁ କଂଗ୍ରେସ ଭୋଟରମାନେ ଯେଉଁଆଡ଼କୁ ଢଳିବେ ସେହି ପ୍ରାର୍ଥୀ ବିଜୟୀ ହେବା ସମ୍ଭାବନା ରହିଛି। ୩ଟି ଯାକ ଜୋନ୍‌ରେ ବିଜେଡି ଓ ଭାଜପା ପ୍ରାର୍ଥୀ ମଧ୍ୟରେ କଡ଼ା ଟକ୍କର ହେଉଛି। ୩ ନମ୍ବର ଜୋନ୍‌ରେ ବିଜେଡିର ପ୍ରଣତି ଜେନା ଠିଆ ହୋଇଥିବା ବେଳେ ଭାଜପା ପକ୍ଷରୁ ମୀନାକ୍ଷୀ ମିଶ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ୨ ଜଣଙ୍କ ମଧ୍ୟରେ ମୁକାବିଲା ହେଉଥିବା ବେଳେ ଆଉ ୨ଜଣ ପ୍ରାର୍ଥୀ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୪ ନମ୍ବର ଜୋନ୍‌ରୁ ଭୀମସେନ ପାଇକରାୟ ବିଜେଡିରୁ ପ୍ରାର୍ଥୀ ରହିଥିବା ବେଳେ ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ପୁତ୍ର ଇଞ୍ଜିନିୟର ସୌମ୍ୟରଞ୍ଜନ ବଳିଆରସିଂହ ଭାଜପା ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିରେ ଆଉ ୪ଜଣ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିଭଳି ୫ ନମ୍ବର ଜୋନ୍‌ରେ ବିଜେଡି ପକ୍ଷରୁ ଲିଙ୍ଗରାଜ ସ୍ୱାଇଁ ଏବଂ ଭାଜପା ପକ୍ଷରୁ ଲତାମଣି ଜଗଦ୍ଦେବ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆଉ ମଧ୍ୟ ୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସ୍ୱାଧୀନ ଓ କମ୍ୟୁନିଷ୍ଟ, ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀ ବିଜେଡିର କିଛି ଭୋଟ୍ ହାତଉଥିବା ବେଳେ କଂଗ୍ରେସ ଭୋଟରମାନେ ବିଜେଡି କି ଭାଜପାକୁ ଭୋଟ ଦେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ବଟି ଆଦାୟ ଅଭିଯୋଗରେ ୨ ଗିରଫ

**ପୁରୀ ଅଫିସ ୧୩।୨:**

ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲି ନୋଳିଆସାହି ରାଜ୍‌ମା ଲେନ୍‌ର ଏ.କ୍ରିଷ୍ଣା ଏବଂ ଝରାକଟା ସାହିର ପି. ଶିବା ରାଓ। ଏମାନଙ୍କ ଠାରୁ ଗୋଟିଏ ଖଣ୍ଡା, ଜିଆଇ ପାଇପ, ନଗଦ ୨୫୦ ଟଙ୍କା, ୨ଟି ବାଇକ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ ନଂ. ୩୦/୨୨ ରୁଜୁ କରିଛି। ଏହି ଅଭିଯୁକ୍ତ ଦ୍ୱୟ ଚୈତନ୍ୟ ଛକ ନିକଟରେ ଅଟୋ ଡ୍ରାଇଭର ଓ ଦୋକାନୀଙ୍କୁ ମାରଣାସ୍ତ୍ର ଦେଖାଇ ବଟି ଆଦାୟ କରୁଥିଲେ।

### ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି

**ସାକ୍ଷୀଗୋପାଳ, ୧୩।୨(ଡି.ଏନ୍.ଏ.):**

ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରୁ ରବିବାର ପୁରୀ ଗୌଡ଼ବାଡ଼ସାହିର ସୁବାସ ଚନ୍ଦ୍ର ଦଳେଇଙ୍କ ବାଇକ୍ ଚୋରି ହୋଇଛି। ଏନେଇ ସୁବାସ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁବାସ ପୁରୀରୁ ବାଇକ୍(ଓଡି ୩୩ପି ୮୮୭୪)ରେ ସାକ୍ଷୀଗୋପାଳ ଆସିଥିଲେ। ସାକ୍ଷୀଗୋପାଳ ମନ୍ଦିର ଆଗରେ ବାଇକ୍ ରଖି ଠାକୁରଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ବକୁଳବନରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ

**ସାକ୍ଷୀଗୋପାଳ, ୧୩।୨(ଡି.ଏନ୍.ଏ.):**

ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଐତିହାସିକ ବକୁଳବନରେ ରବିବାର ପୁଣି ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ପ୍ରାରମ୍ଭରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାରତ ବିକାଶ ପରିଷଦର କର୍ମକର୍ତ୍ତାମାନେ ବକୁଳବନ ମଧ୍ୟରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତି ସଂଲଗ୍ନ ମଣ୍ଡପ ସଫେଇ କରିଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପରିଷଦ ପକ୍ଷରୁ ପ୍ରତିମାସର ଗୋଟିଏ ରବିବାର ସଫେଇ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସତ୍ୟବାଦୀ ଦାସ, ନବଘନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ଗ୍ରୀନ୍-୩୦ର ଧର୍ମେନ୍ଦ୍ର ଖର ଓ ହିମାଂଶୁ ନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇ ବକୁଳବନରେ ବଉଳ ଓ ଛୁରିଆନା ବୃକ୍ଷ ଲଗାଇବାକୁ କହିଥିଲେ। ସୁନାକର ପତି, ବିଷ୍ଣୁ ମହାରଣା, ମନୋଜ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସମର କେଶରୀ ପ୍ରଧାନ, ସୁଶାନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଭିନ୍ନ ଐତିହ୍ୟସ୍ଥଳୀ ବୁଲି ଦେଖିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୧୩।୨:**

ପ୍ରଶାସନ ପକ୍ଷରୁ ଆୟୋଜିତ ହେରିଟେଜ୍ ରାଇଡ୍‌ରେ ରବିବାର ପୁରୀ ସହରସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇ ଐତିହ୍ୟସ୍ଥଳୀ ବୁଲି ଦେଖିଛନ୍ତି। ସକାଳେ ଭଗବତୀ ବିଦ୍ୟା ନିକେତନ, ବିନାୟକ ବିଦ୍ୟାମନ୍ଦିର ଏବଂ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୦ ଜଣ ଛାତ୍ରୀଛାତ୍ର ତିନୋଟି ଗଲ୍ଫକାର୍ଟ ମାଧ୍ୟମରେ ନୀଳାଦ୍ରି ବେଳାଭୂମିରୁ ବାହାରି ଶଙ୍କରାଚାର୍ଯ୍ୟ ମଠ ଦେଇ ଗଙ୍ଗାମାତା ମଠ, ସିଦ୍ଧବକୁଳ ମଠ, ରାଧାକାନ୍ତ ମଠ, ବାଉଳି ମଠ, ତୋଟା ଗୋପୀନାଥ ପ୍ରଭୃତି ସ୍ଥାନ ବୁଲି ଦେଖିବା ସହ ଐତିହ୍ୟସ୍ଥଳୀ ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲୁ ଫ୍ଲାଗ୍ ବିଚ୍‌ରେ ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଇକୋ ଟୁରିଜମ୍ କ୍ଲବ ପ୍ରତିଷ୍ଠାତା ଯୁଗବ୍ରତ କର, ଗାଇଡ୍ ଶିକ୍ଷକ ଭାବେ ଲକ୍ଷ୍ମୀଧର ମାଝି, କାଳନ୍ଦୀ ଚରଣ ସାହୁ, ଗାଇଡ୍ ସିଦ୍ଧାର୍ଥ ଆଚାର୍ଯ୍ୟ, ଶାନ୍ତିରଞ୍ଜନ ମିଶ୍ର, ସତ୍ୟବ୍ରତ ସାହୁ, ମଞ୍ଜୁଶ୍ରୀ ସେନ, ପ୍ରମୋଦ ଆଚାର୍ଯ୍ୟଙ୍କ ସମେତ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ବିଭିନ୍ନ ଐତିହ୍ୟସ୍ଥଳୀ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି।

## ପୈତୃକ ସମ୍ପତ୍ତି ହଡ଼ପ ଅଭିଯୋଗ: ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ଯୁବତୀ

**ପୁରୀ ଅଫିସ, ୧୩।୨:**

ମା' ବାପାଙ୍କ ଦେହାନ୍ତ ପରେ ପରିବାର ଲୋକେ ପୈତୃକ ସମ୍ପତ୍ତିକୁ ହଡ଼ପ କରିବା ପାଇଁ ଷଡଯନ୍ତ୍ର କରିବା ଓ ଧମକ ଦେଉଥିବା ଅଭିଯୋଗ କରି ପୁରୀ ସିଦ୍ଧମହାବୀର ମଙ୍ଗଳା ସାହିରେ ରହୁଥିବା କଣାସ ବ୍ଲକ ନୂଆପଡ଼ା ଗ୍ରାମର ସ୍ମୃତିସ୍ନିଗ୍ଧା ରାଉତ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ରାଜ୍ୟ ମହିଳା ଆୟୋଗଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ସ୍ମୃତିସ୍ନିଗ୍ଧା ଅଭିଯୋଗ କରିଛନ୍ତି, ତାଙ୍କ ପିତା ଶରତ ଚନ୍ଦ୍ର ରାଉତଙ୍କୁ ଷଡ଼ଯନ୍ତ୍ର କରି ମାରି ଦୁର୍ଘଟଣାର ରୂପ ଦିଆଯାଇଥିଲା। ପରେ ତାଙ୍କ ପିତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଓ ମା'ଙ୍କୁ ଘରୁ ତଡ଼ି ଦେବା ସହ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରିଥିଲେ। ପୈତୃକ ସମ୍ପତ୍ତି ପାଇବା ପାଇଁ କୋର୍ଟରେ ମୋକଦ୍ଦମା କରାଯାଇଥିଲା। ତେବେ ମୋକଦ୍ଦମା ଚାଲିବା ସମୟରେ ଗ୍ରାମର ମୁରବିଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରାପ୍ୟ ସମ୍ପତ୍ତି ଦେବାକୁ ସହମତି ପ୍ରକାଶ କରିଥିଲେ। ମାତ୍ର ପରେ ଦେଇ ନ ଥିଲେ। ଆମ ସପକ୍ଷରେ କୋର୍ଟ ନିଷ୍ପତ୍ତି ଆସିଥିଲେ ହେଁ ପରିବାର ଲୋକେ ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ। ଏହି ସମୟରେ କର୍କଟ ରୋଗରେ ମା' ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ। ସେ ଏକାକୀ ହୋଇପଡ଼ିଥିବାରୁ ନିଜକୁ ସୁରକ୍ଷିତ ମଣୁ ନ ଥିବା ସ୍ମୃତିସ୍ନିଗ୍ଧା କହିଛନ୍ତି।

## ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

**ଅସ୍ତରଙ୍ଗ, ୧୩।୨(ଡି.ଏନ୍.ଏ.):**

ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ରବିବାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଆଳଙ୍ଗପୁର ଓ ମାଣ୍ଡୁକି ପଞ୍ଚାୟତରେ ପ୍ରଚାର କରିଛନ୍ତି। ଜିଲା ପରିଷଦ ପ୍ରାର୍ଥୀ ସରସ୍ୱତୀ ସାଇଁ ଓ ବନିତା ବେହେରାଙ୍କ ପାଇଁ ପ୍ରଚାର କରିଥିଲେ। ବିଜେଡି ସମର୍ଥିତ ଆଳଙ୍ଗପୁର ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ନିବେଦିତା ନାୟକ, ସରପଞ୍ଚ ପ୍ରାର୍ଥୀ ଶକୁନ୍ତଳା ସାଇଁ ଓ ମାଣ୍ଡୁକି ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଚୈତନ୍ୟ ସେଠୀ, ସରପଞ୍ଚ ପ୍ରାର୍ଥୀ ସୁଷମା ଜେନାଙ୍କ ପାଇଁ ମଧ୍ୟ ମନ୍ତ୍ରୀ ବେହେରା ପ୍ରଚାର କରିଥିଲେ। ପ୍ରଚାରରେ ବିଜେଡି ରାଜ୍ୟ ସମ୍ପାଦକ ସାଧୀନ କୁମାର ନାୟକ ଓ ଶତାଧିକ ମହିଳା ସାମିଲ ଥିଲେ।


ଦଳୀୟ ପ୍ରାର୍ଥୀଙ୍କ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରଚାର କରୁଛନ୍ତି ।

# ମନରେ ସେବା ଭରିଦେଲା ପ୍ରେମ

**ପୁରୀ ଅଫିସ, ୧୩।୨:**

ଦରିଆ ସେପାରିର ପ୍ରେମ। ଏହି ପ୍ରେମ ଭିତରେ ମାଇଲ ମାଇଲର ଦୂରତା। ଭାଷା, ଚାଲିଚଳଣି ଓ ପରମ୍ପରା ଦୃଷ୍ଟିକୋଣରୁ ଉଭୟ ଏକଦମ୍ ଭିନ୍ନ। ତଥାପି ମିଶିଛି ମନ। ଦୁହେଁ ପରସ୍ପରର ହୃଦୟର ଭାଷାକୁ ବୁଝିପାରି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଜଣେ ଫ୍ରାନ୍ସର ଝିଅ ତ ଆଉ ଜଣେ ଓଡ଼ିଆ ପୁଅ। ଏମାନେ ହେଲେ ପୁରୀରେ ରହୁଥିବା ଇସାବେଲ୍ ଏବଂ ଅଶୋକ। ଦୀର୍ଘ ୨୦ବର୍ଷ ତଳେ ରାଜଧାନୀ ଦିଲ୍ଲୀରେ ଉଭୟଙ୍କ ମଧ୍ୟରେ ପ୍ରଥମ ଦେଖା ସାକ୍ଷାତ୍ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଲା। ଓଡ଼ିଆ ପୁଅ ଅଶୋକ ଜଣେ ଅନାଥ। ନିଜ ଠିକଣା ତାଙ୍କର ମନେନାହିଁ। ଦିଲ୍ଲୀର ଏକ ହୋଟେଲରେ କର୍ମଚାରୀ ଥିବା ବେଳେ ଫ୍ରାନ୍ସର ଇସାବେଲଙ୍କୁ ଭେଟିଥିଲେ। ଇସାବେଲ୍ ସେ ସମୟରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିଲେ। ସେତେବେଳେ ଅଶୋକ ତାଙ୍କୁ ଜାଣି ନ ଥିଲେ ମଧ୍ୟ ତାଙ୍କ ସେବା ଶୁଶ୍ରୂଷାରେ ଲାଗିପଡ଼ିଥିଲେ। ଇସାବେଲଙ୍କୁ ସୁସ୍ଥ କରିବାକୁ ଅଶୋକ ଦିନ ରାତି ଏକାକାର କରିଦେଇଥିଲେ। ଅଶୋକଙ୍କର ଏହି ମାନବ ପ୍ରେମ ଓ ନିଃସ୍ୱାର୍ଥପର ସେବାକୁ ଦେଖି ତାଙ୍କୁ ଭଲ ପାଇବସିଥିଲେ ଇସାବେଲ। ପରେ ଦୁହେଁ ଜୀବନ ସାଥୀ ହୋଇଥିଲେ। ଅଶୋକଙ୍କୁ ବିବାହ କରିବା ପରେ ଇସାବେଲ ଭାରତୀୟ ନାଗରିକତ୍ୱ ଗ୍ରହଣ କରିଛନ୍ତି। ଏଥିପାଇଁ ତାଙ୍କୁ ଫ୍ରାନ୍ସର ନାଗରିକତ୍ୱ ଛାଡ଼ିବାକୁ ପଡ଼ିଛି। ଅଶୋକଙ୍କୁ ବିବାହ କରିବା ପରେ ଇସାବେଲ ଖାଣ୍ଟି ଓଡ଼ିଆଣୀ ପାଲଟିଯାଇଛନ୍ତି। ଓଡ଼ିଆ ଘରର ପରମ୍ପରା, ଶଙ୍ଖା, ସିନ୍ଦୂର, ପାଉଁଜି ଓ ଝୁଣ୍ଟିଆକୁ ମଧ୍ୟ ଆଦରିନେଇଛନ୍ତି। ଓଡ଼ିଆ ବୋହୂଙ୍କ ଭଳି ସେ ଠାକୁର ପୂଜା କରନ୍ତି। ଜଗନ୍ନାଥପ୍ରେମରେ ପଡ଼ିଥିବା ଏହି ଦମ୍ପତି ପୁରୀ କାଶୀହରିପୁର ପଞ୍ଚାୟତର କାଶୀହରିପୁର ଗ୍ରାମରେ ଘର କରି ରହୁଛନ୍ତି। ଉଭୟେ ପଶୁପ୍ରେମୀ। ଏହି ଦମ୍ପତି ନିଃସନ୍ତାନ ହୋଇଥିବାରୁ ଗରିବ ନିରାଶ୍ରୟ ଲୋକ ଓ ପଶୁପକ୍ଷୀଙ୍କୁ ସ୍ନେହ ଦିଅନ୍ତି। ପ୍ରତିଦିନ ପଶୁପକ୍ଷୀଙ୍କୁ ଖାଇବାକୁ ଦେବା ସହ ଅନେକ ଗରିବ ଲୋକଙ୍କ ଭୋଜନର ବ୍ୟବସ୍ଥା ମଧ୍ୟ କରନ୍ତି। ଅଶୋକ କହିଛନ୍ତି, ଆମେ ଦୁହେଁ ଭିନ୍ନ ଦେଶର ବାସିନ୍ଦା ଥିଲୁ। ମାତ୍ର ଅନ୍ତରଙ୍ଗତା ଓ ପ୍ରେମ ଆମକୁ ଏକାଠି କରିଛି। ଉଭୟ ସମାଜ ସେବାରେ ଜୀବନ ବିତାଇଦେବାକୁ ଚାହୁଁଛୁ। ସେହିଭଳି ଇସାବେଲ୍ କହିଛନ୍ତି, ପ୍ରଥମେ ବଡ଼ ସହରରୁ ଆସି ପୁରୀରେ ଖାପ ଖୁଆଇବା ସହଜ ହେଲାନାହିଁ। ମାତ୍ର ଏଠାକାର ପରିବେଶ ଓ ଲୋକେ ଅତ୍ୟନ୍ତ ଭଲ। ତେଣୁ ଏଇଠି ରହିଯିବାକୁ ଚାହିଁଲି। ସେହିପରି କାଶୀହରିପୁରର ବାସିନ୍ଦା ମମତା ସ୍ୱାଇଁ କହିଛନ୍ତି, ଉଭୟଙ୍କ ପ୍ରେମ ଖୁବ୍ ଗଭୀର। ଇସାବେଲ ବିଦେଶିନୀ ହୋଇଥାଇପାରନ୍ତି ମାତ୍ର ଆମ ସହ ତାଳ ଦେଇ ସେ ଖାଣ୍ଟି ଓଡ଼ିଆଣୀ ପାଲଟିଗଲେଣି।


ଇସାବେଲ୍ ଏବଂ ଅଶୋକ ।

**ଜୀବନ ସାଥୀ ପାଲଟିଛନ୍ତି ଫ୍ରାନ୍ସ ଝିଅ- ଓଡ଼ିଆ ପୁଅ**

## ସଂକ୍ଷେପରେ

### ଛାତରୁ ପଡ଼ି ଯୁବତୀ ଗୁରୁତର

**ଜଟଣୀ,୧୩।୨(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାଜାବଜାର ଗଜପତି ନଗର ଅଞ୍ଚଳରେ ରବିବାର ଏକ ଅଘଟଣ ଘଟିଛି। ଛାତରୁ ଖସିପଡ଼ି ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବି. ରଜନୀ(୨୨)। ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରଜନୀ ସକାଳେ ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଛାତରେ ମାଙ୍କଡ଼ ଥିବା ବେଳେ କୌଣସି କାରଣବଶତଃ ସେ ଛାତରୁ ତଳକୁ ଖସିପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଓ ସାମାଜିକ କର୍ମୀ ଚିତ୍ତରଞ୍ଜନ ଦଳାଇ ସଙ୍ଗେସଙ୍ଗେ ରଜନୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ରଜନୀଙ୍କ ଅଣ୍ଟା ଓ ବାମଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

### ବଳାତ୍କାର ଉଦ୍ୟମ ମାମଲା: ଅଭିଯୁକ୍ତ ଗିରଫ

**ବଲଙ୍ଗା, ୧୩।୨(ଡି.ଏନ୍.ଏ):** ବଲଙ୍ଗା ଥାନା ଅଞ୍ଚଳର ନାବାଳିକା(୭) ବଳାତ୍କାର ଉଦ୍ୟମ ମାମଲାରେ ଅଭିଯୁକ୍ତ ବୁଲୁ ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ବିବାହ ଉତ୍ସବରେ ଯୋଗଦେବା ପାଇଁ ମାମୁଘରକୁ ଆସିଥିଲେ। ଉତ୍ସବରେ ଟେଣ୍ଟ କାମ କରୁଥିବା ଅଭିଯୁକ୍ତ ବୁଲୁ ତାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ. ୩୦/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ବୁଲୁଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି କହିଛନ୍ତି।

### ରୋଟାରୀ କ୍ଲବ ପକ୍ଷରୁ ଆଦିବାସୀଙ୍କୁ ସହାୟତା

**ବାଲୁଗାଁ, ୧୩।୨(ଡି.ଏନ୍.ଏ.):** ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ରବିବାର ବରବରା ଜଙ୍ଗଲସ୍ଥିତ ବିଭିନ୍ନ ଆଦିବାସୀ ଗ୍ରାମରେ ସାମଗ୍ରୀ ବଣ୍ଟନ ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମହୁଲିଆ, ଲୁଣ୍ଡୁରୁ ଓ ସିବିଡାରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ ସହ ବସ୍ତ୍ର ପ୍ରଦାନ କରାଯାଇଥିଲା। ନୀଳାଦ୍ରିପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। ଡା. ପ୍ରଦୀପ୍ତ ନାୟକ, ବିଜୟ ବେହେରାଙ୍କ ସମେତ ଆଶା ଓ ଅଙ୍ଗନୱାଡି କର୍ମୀ ସହାୟତା କରିଥିଲେ। ରୋଟାରୀ କ୍ଲବ ସଭାପତି ଗୋପାଳ ଚନ୍ଦ୍ର ନାୟକ, ସମ୍ପାଦକ ସଚ୍ଚିଦାନନ୍ଦ ସେଠୀ, ବିଜୟ କୁମାର ନନ୍ଦ, ରବି ନାରାୟଣ ନାୟକ, ଧୀରେନ୍ଦ୍ର ନାଥ ପାତ୍ର, ଅଶୋକ ପାତ୍ର, ପ୍ରବୀଣ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବକୁଳବନରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ




**ସାକ୍ଷୀଗୋପାଳ,୧୩।୨(ଡି.ଏନ୍.ଏ.):** ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଐତିହାସିକ ବକୁଳବନରେ ରବିବାର ପୁଣି ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ପ୍ରାରମ୍ଭରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭାରତ ବିକାଶ ପରିଷଦର କର୍ମକର୍ତ୍ତାମାନେ ବକୁଳବନ ମଧ୍ୟରେ ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତି ସଂଲଗ୍ନ ମଣ୍ଡପ ସଫେଇ କରିଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପରିଷଦ ପକ୍ଷରୁ ପ୍ରତିମାସର ଗୋଟିଏ ରବିବାର ସଫେଇ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସତ୍ୟବାଦୀ ଦାସ, ନବଘନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ଗ୍ରୀନ୍-୩୦ର ଧର୍ମେନ୍ଦ୍ର ଖର ଓ ହିମାଂଶୁ ନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇ ବକୁଳବନରେ ବଉଳ ଓ ଛୁରିଆନା ବୃକ୍ଷ ଲଗାଇବାକୁ କହିଥିଲେ। ସୁନାକର ପତି, ବିଷ୍ଣୁ ମହାରଣା, ମନୋଜ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସମର କେଶରୀ ପ୍ରଧାନ, ସୁଶାନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶୃଙ୍ଖଳିତ ମତଦାନକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୩।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୧୬ରୁ ୨୪ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଭୋଟ ଗ୍ରହଣଠାରୁ ଗଣତି ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ନିର୍ବାଚନ କାର୍ଯ୍ୟ ସୁପରିଚାଳନା ନିମନ୍ତେ ରବିବାର ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ ଟାଙ୍ଗୀ ଓ ବୋଲଗଡ଼, ୧୮ରେ ବାଣପୁର ଓ ବେଗୁନିଆ, ୨୦ରେ ଚିଲିକା ଓ ଖୋର୍ଦ୍ଧା, ୨୨ରେ ବାଲିପାଟଣା ଓ ଭୁବନେଶ୍ୱର ଏବଂ ଅନ୍ତିମ ପର୍ଯ୍ୟାୟ ୨୪ରେ ବାଲିଅନ୍ତା ଓ ଜଟଣୀ ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ଜିଲାର ୧୦ଟି ବ୍ଲକରେ ୧୯୦ ସରପଞ୍ଚ, ସମିତି ସଭ୍ୟ, ୨୭୧୧ ୱାର୍ଡମେମ୍ବର ଏବଂ ୩୦ ଜିଲାପରିଷଦ ଜୋନ ନିମନ୍ତେ ମତଦାନ ହେବ। ଜିଲାରେ ୧୨୯ ଜିଲାପରିଷଦ, ୬୭୩ ସମିତି ସଭ୍ୟ, ୭୮୭ ସରପଞ୍ଚ ଏବଂ ୬୨୧୫ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ୧୦ ଲକ୍ଷ ୩୦ହଜାର୦୬୯ ମତଦାତା ମତଦାନ କରିବେ। ୨୭୧୧ କେନ୍ଦ୍ରରେ ମତଦାନ ଅନୁଷ୍ଠିତ ହେବ। ସେଥିରୁ ୫୦୦ ଅତି ସମ୍ବେଦନଶୀଳ, ୧୨୬୩ ସମ୍ବେଦନଶୀଳ ଓ ୯୪୮ ସାଧାରଣ ବୁଥ। ନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଧାର୍ଯ୍ୟ ତାରିଖ ଓ ସମୟରେ ସଂପୃକ୍ତ ବ୍ଲକରେ ଯୋଗଦେବେ। ସେଠାରୁ ମତଦାନ କେନ୍ଦ୍ରକୁ ଯାତ୍ରା କରିବେ। ସ୍ଥାନୀୟ ତହସିଲଦର, ଥାନାଧିକାରୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିବେ। ଅତିସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥରେ ପୋଲିସ ମୁତୟନ କରାଯିବ। ରାଜ୍ୟ ନିର୍ବାଚନ କମିଶନଙ୍କ କୋଭିଡ୍ ଗାଇଡଲାଇନ ଅନୁସାରେ ମତଦାନ ସୁନିଶ୍ଚିତ କରାଯିବ। ମତଦାତାମାନେ କୋଭିଡ୍ ନିୟମ ଅନୁପାଳନ ଲାଗି ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମାସ୍କ ପରିଧାନ ସହ ୬ଫୁଟ ସାମାଜିକ ଦୂରତା ରଖିବାକୁ ନିର୍ଦ୍ଦେଶ ରହିଛି। ମତଦାନ ସମୟରେ ସହଯୋଗ ଲାଗି ସମସ୍ତ ଭୋଟରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅନୁଜ ଦାସ ପଟ୍ଟନାୟକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସଦର ଏସ୍‌ଡିପିଓ ସୁଶିଳ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଓ ଥାନାଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

■ ପୋଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

■ ମତଦାନ କେନ୍ଦ୍ରରେ ମାସ୍କ ବାଧ୍ୟତାମୂଳକ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ : ପର୍ଯ୍ୟାୟ ଅନୁଯାୟୀ ମତଦାନ**

| ତାରିଖ | ବ୍ଲକ | ଜିଲା ପରିଷଦ | ପଞ୍ଚାୟତ | ୱାର୍ଡ | ଭୋଟର |
|---|---|---|---|---|---|
| ୧୬ | ଟାଙ୍ଗୀ | ୪ | ୨୬ | ୩୪୫ | ୧୩୨୨୬୯ |
| ୧୬ | ବୋଲଗଡ | ୩ | ୧୯ | ୩୧୬ | ୧୦୮୨୧୮ |
| ୧୮ | ବାଣପୁର | ୩ | ୧୭ | ୨୩୩ | ୧୦୩୮୧୩ |
| ୧୮ | ବେଗୁନିଆ | ୩ | ୨୧ | ୩୩୨ | ୧୦୯୫୬୧ |
| ୨୦ | ଚିଲିକା | ୩ | ୧୭ | ୨୨୫ | ୯୬୨୨୯ |
| ୨୦ | ଖୋର୍ଦ୍ଧା | ୩ | ୨୨ | ୩୨୫ | ୧୧୧୮୫୦ |
| ୨୨ | ବାଲିପାଟଣା | ୩ | ୧୭ | ୨୪୫ | ୯୬୨୭୫ |
| ୨୨ | ଭୁବନେଶ୍ୱର | ୩ | ୨୦ | ୨୫୬ | ୧୦୧୦୪୯ |
| ୨୪ | ବାଲିଅନ୍ତା | ୩ | ୧୬ | ୨୨୪ | ୮୮୦୨୮ |
| ୨୪ | ଜଟଣୀ | ୨ | ୧୫ | ୨୧୦ | ୮୩୩୧୭ |
| | | ୩୦ | ୧୯୦ | ୨୭୧୧ | ୧୦୩୦୬୦୯ |

### ପ୍ରିୟବ୍ରତ ସଭାପତି, ଅଜୟ ସାଧାରଣ ସମ୍ପାଦକ

**କଟକ ଅଫିସ,୧୩।୨**

କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବାଦାମବାଡ଼ିସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପ୍ରିୟବ୍ରତ ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଭାବେ ଅଜୟ ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ନିରଞ୍ଜନ ସାହୁ, ମୁରଲୀଧର ବେହେରା, ପବିତ୍ର ମୋହନ ଖଟୁଆ, ସୁଧୀର ଚରଣ ମହାନ୍ତି, କିଶୋର ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ କୁମାର ସାହୁ, ଶିଶିର ପାତ୍ର, ବିବେକାନନ୍ଦ ଖଣ୍ଡେଇ, ପିନାକ ପାଣି ଷଡ଼ଙ୍ଗୀ, ଜୟ ପ୍ରକାଶ ମାହୁନ୍ତ, ସହକାରୀ ସମ୍ପାଦକ ଭାବେ ରବି ନାରାୟଣ ବେହେରା, ଶ୍ରୀନିବାସ ଶତପଥୀ, ସୁବ୍ରତ ସାହୁ ଓ କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର ସିଂ ମନୋନୀତ ହୋଇଛନ୍ତି। ସେହିପରି ଅଲେଖ ଚନ୍ଦ୍ର ରାଉତ, ଲଳିତ ମହାନ୍ତି, ଅଭୟ ପଟ୍ଟନାୟକ, ସନ୍ଦୀପ ଦ୍ୱିବେଦୀ, କଳ୍ପତରୁ ସାମଲ, କିଶୋର ସାହୁ, ମନୋଜ ତ୍ରିପାଠୀ, ରାଜନ ଖାଁ, ପ୍ରଭାତ ନାୟକ, ମିର୍ଜା ଗୈସର ଅଲି ବେଗ୍, ଅଭିଜିତ୍ ସାହୁଙ୍କ ସମେତ ୨୬ଜଣ କାର୍ଯ୍ୟକାରୀ ସଦସ୍ୟ ନିଯୁକ୍ତ ହୋଇଛନ୍ତି। ରବିବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ଅପରାହ୍ନ ୫ଟା ୩୦ରେ ଫଳ ଘୋଷଣା କରାଯାଇଥିଲା।



ଜଟଣୀର ସାମାଜିକ ସଙ୍ଗଠନ 'ଉନ୍ନତିର ସ୍ୱର' ପକ୍ଷରୁ ରବିବାର ବାହାରିଥିବା ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା।

### ସଡ଼କ ସୁରକ୍ଷା ସଚେତନତା

**ଜଟଣୀ,୧୩।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳରେ ରବିବାର ସାମାଜିକ ସଙ୍ଗଠନ 'ଉନ୍ନତିର ସ୍ୱର' ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହରିଭାଇନା ଛକଠାରୁ ସ୍ଥାନୀୟ ଗାନ୍ଧୀପାର୍କ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ସଭାପତି ସରୋଜ ବିହାରୀ ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତା ବିଭିନ୍ନ ଛକରେ ପଥଚାରୀଙ୍କୁ ସଡ଼କ ସଚେତନତା ଉପରେ ଲିଖିତ ଲିଫ୍‌ଲେଟ୍, ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ସଚେତନ କରାଇଥିଲେ। ଜଟଣୀ ପୋଲିସ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଦିଲୀପ କୁମାର ବିଶ୍ୱାଳ ଏହାର ସଂଯୋଜନା କରିଥିଲେ।

# ମତଦାନ କରିବେ ୨,୪୦,୪୮୭

**ଖୋର୍ଦ୍ଧା ଅଫିସ,୧୩।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ଟାଙ୍ଗୀ ଓ ବୋଲଗଡ଼ ବ୍ଲକରେ ନିର୍ବାଚନ ହେବ। ଦୁଇ ବ୍ଲକରେ ୭ ଜିଲାପରିଷଦ ଜୋନ୍, ୪୫ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଓ ୬୬୧ ୱାର୍ଡମେମ୍ବର ଆସନ ନିମନ୍ତେ ମତଦାନ ହେବ। ଏହି ଦୁଇ ବ୍ଲକରେ ୨ଲକ୍ଷ ୪୦ ହଜାର ୪୮୭ ଭୋଟର ନିଜ ମତଦାନ ସାବ୍ୟସ୍ତ କରିବେ।

ଟାଙ୍ଗୀ ବ୍ଲକର ୨୬ ସରପଞ୍ଚ ଓ ସମିତିସଭ୍ୟ, ୩୪୫ ୱାର୍ଡମେମ୍ବର ଏବଂ ୪ ଜିଲା ପରିଷଦ ଜୋନ୍ ଆସନ ଲାଗି ୧ଲକ୍ଷ ୩୨ହଜାର ୨୬୯ ଭୋଟର ମତଦାନ କରିବେ। ସେହିପରି ବୋଲଗଡ଼ ବ୍ଲକର ୧୯ ସରପଞ୍ଚ ଓ ସମିତିସଭ୍ୟ ଏବଂ ୩୧୬ ୱାର୍ଡମେମ୍ବର ଆସନ ପାଇଁ ୧ ଲକ୍ଷ ୮ହଜାର ୨୧୮ଜଣ ମତଦାନ ସାବ୍ୟସ୍ତ କରିବେ। ଟାଙ୍ଗୀ ବ୍ଲକର ୩୪୫ ବୁଥ୍ ମଧ୍ୟରୁ ୫୮ ଅତି ସମ୍ବେଦନଶୀଳ, ୧୫୫ ସମ୍ବେଦନଶୀଳ ଏବଂ ୧୩୨ ସାଧାରଣ ବୁଥ୍ ରହିଛି। ବୋଲଗଡ଼ ବ୍ଲକରେ ୩୧୬ ବୁଥ୍ ମଧ୍ୟରୁ ୧୫ ଅତିସମ୍ବେଦନଶୀଳ, ୧୧୪ ସମ୍ବେଦନଶୀଳ ଏବଂ ୧୮୭ ସାଧାରଣ ବୁଥ୍ ରହିଛି। ଟାଙ୍ଗୀ ବ୍ଲକ ଲାଗି ୨୬ ଓ ବୋଲଗଡ଼ ବ୍ଲକ ପାଇଁ ୧୯ ଜଣ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି। ସୋମବାର ପ୍ରଥମ ପର୍ଯ୍ୟାୟ ପ୍ରଚାର ଅଭିଯାନ ସରିବ। ସେହିପରି ପୋଲିଂ ପାର୍ଟିମାନେ ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ କରିବେ। ପରେ ସେମାନଙ୍କ ମତଦାନ କେନ୍ଦ୍ର ଅଭିମୁଖେ ଯିବେ। ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ଭୋଟର ପରିଚୟପତ୍ର ବ୍ୟତୀତ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ବୈଧ ଥିବା ଅନ୍ୟ ୧୩ଟି ପ୍ରମାଣପତ୍ର ମଧ୍ୟରୁ ଯେ କୌଣସି ଗୋଟିଏକୁ ପରିଚୟ ପତ୍ର ଭାବେ ଦର୍ଶାଇ ମତଦାନ କରାଯାଇପାରିବ। ଉକ୍ତ ପ୍ରମାଣପତ୍ର ମଧ୍ୟରେ ଆଧାର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଡ, ଫଟୋ ଥାଇ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ପାସ୍‌ବୁକ, ପେନ୍‌ସନପତ୍ର, ଡ୍ରାଇଭିଂ ଲାଇସେନ୍ସ, ଭାରତୀୟ ପାସ୍‌ପୋର୍ଟ, କଲେଜ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ପରିଚୟପତ୍ର ରହିଛି।

### ବୋଲଗଡ ଓ ଟାଙ୍ଗୀ ବ୍ଲକ

### ଚତୁର୍ଭୁଜ ହାଇସ୍କୁଲରେ ଉଦ୍ୟାନ

**ବୋଲଗଡ଼, ୧୩।୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ଅର୍ଥରେ ସହକାରୀ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାର ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କ ସମେତ ଜଗନ୍ନାଥ ସେଠୀ, କୈଳାସ ମହାନ୍ତି ଓ ଆକୁଳି ପରିଡ଼ା ସହଯୋଗ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା ଯୋଗଦେଇଥିଲେ। ଅତିଥି ଭାବେ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନମୋହନ ରାୟ ଯୋଗଦେଇ ମହାପୁରୁଷଙ୍କ ନାମାନୁସାରେ ନାମକରଣ କରି ଚାରା ରୋପଣ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରବୀନ୍ଦ୍ର ନାଥ ସେନାପତି ଧନ୍ୟବାଦ ଦେଇଥିଲେ।

### ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି

**ସାକ୍ଷୀଗୋପାଳ,୧୩।୨(ଡି.ଏନ୍.ଏ.):** ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରୁ ରବିବାର ପୁରୀ ଗୌଡ଼ବାଡ଼ସାହିର ସୁବାସ ଚନ୍ଦ୍ର ଦଳେଇଙ୍କ ବାଇକ୍ ଚୋରି ହୋଇଛି। ଏନେଇ ସୁବାସ ସତ୍ୟବାଦୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁବାସ ପୁରୀରୁ ବାଇକ୍(ଓଡି ୩୩ପି ୮୮୭୪)ରେ ସାକ୍ଷୀଗୋପାଳ ଆସିଥିଲେ। ସାକ୍ଷୀଗୋପାଳ ମନ୍ଦିର ଆଗରେ ବାଇକ୍ ରଖି ଠାକୁରଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଦର୍ଶନ ସାରି ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବେଗୁନିଆ,୧୩।୨(ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ଟାଉନ୍ ହଲ୍ ନିକଟରେ ରବିବାର ଭୋରୁ ଏକ ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ଶରତ ଚନ୍ଦ୍ର ସାହୁ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତଦେହ ରଖି ପରିବାର ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ଶରତ ଶ୍ରମିକ ଭାବେ କାର୍ଯ୍ୟକରି ପରିବାର ଚଳାଉଥିଲେ। ସବୁଦିନ ଭଳି ରବିବାର ଭୋରୁ ଘରୁ ବାହାରି ରାଉତପଡା ଗ୍ରାମର ଏକ ଫାର୍ମକୁ କାମ କରିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶରତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିର ଠିକଣା ଖୋଜି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପ୍ରାୟ ୨୦ ମିନିଟ୍ ରାସ୍ତା ଅବରୋଧ ପରେ ସ୍ଥାନୀୟ ତହସିଲଦାର ପୃଥିରାଜ ମଣ୍ଡଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବେଗୁନିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୯/୨୨) ରୁଜୁ କରି ତଦନ୍ତ ଚଳାଇଛି।


ରାସ୍ତାରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ଧାରଣାରେ ବସିଛନ୍ତି।

### ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

## ଖେଳ ଖବର

### ମନ୍ଷ୍ଟର ଇଲେଭେନ ଚାମ୍ପିୟନ



**ଜଟଣୀ, ୧୩।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ପଞ୍ଚାୟତ ଏମ୍‌ସିସି ଖେଳପଡ଼ିଆ ପରିସରରେ କନ୍ତିଆ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଏମ୍‌ସିସି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଲିଗ୍ ମ୍ୟାଚ୍‌ରେ ୫ଟି ଟିମ୍ ଭାଗନେଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବଜରଙ୍ଗୀ ଫାଇଟରକୁ ହରାଇ ମନ୍ଷ୍ଟର ଇଲେଭେନ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମନ୍ଷ୍ଟର ଇଲେଭେନ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବଜରଙ୍ଗୀ ଫାଇଟର ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୮ରନ୍ ସଂଗ୍ରହ କରିଥିଲା। ଜବାବରେ ମନ୍ଷ୍ଟର ଇଲେଭେନ ୧୧ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦୀପକ କୁମାର ଜେନା ଓ ସନ୍ତୋଷ କୁମାର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ମନ୍ଷ୍ଟର ଇଲେଭେନର ଆକାଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଶ୍ରେଷ୍ଠ ବୋଲର ଭାବେ ତାପସ ମହାପାତ୍ର ବିବେଚିତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଭୀମସେନ ଭୁଜବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟିର ସଦସ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

### ତ୍ରିଲୋଚନେଶ୍ୱର ଟିମ୍ ଚାମ୍ପିୟନ



**କୃଷ୍ଣପ୍ରସାଦ, ୧୩।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଅଁଳ ଠାରେ ଚାଲିଥିବା ପାରିକୁଦ ଚାମ୍ପିୟନ ଟ୍ରଫି-୨୦୨୨ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବଡ଼ଅଁଳର ରକ୍‌ଷ୍ଟାର ଟିମ୍‌କୁ ହରାଇ ତିଛିଣିର ତ୍ରିଲୋଚନେଶ୍ୱର ଦେବ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ତ୍ରିଲୋଚନେଶ୍ୱର ଟମ୍ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୮୦ରନ୍ ସଂଗ୍ରହ କରିଥିଲା। ରକ୍‌ଷ୍ଟାର ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରି ନ ପାରି ପରାଜିତ ହୋଇଥିଲା। ରବୀନ୍ଦ୍ର କୁମାର ପ୍ରଧାନ, ବସନ୍ତ କୁମାର ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବଡ଼ଅଁଳ ସରପଞ୍ଚ ଶାନ୍ତିଲତା ପ୍ରଧାନ ଓ ଗ୍ରାମ୍ୟ କମିଟି ସଭାପତି ତ୍ରିଲୋଚନ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଚିନ୍ମୟ କୁମାର ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଦୀପକ କୁମାର ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଘୋରଡ଼ିଆକୁ ହରାଇ ଟାଙ୍ଗୀସାହି ଚାମ୍ପିୟନ

**ବୋଲଗଡ଼, ୧୩।୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଖେଳପଡ଼ିଆରେ ଚାଲିଥିବା ଗ୍ରୀନ୍ ଗ୍ରାଉଣ୍ଡ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଘୋରଡ଼ିଆକୁ ହରାଇ ଟାଙ୍ଗୀସାହି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଟାଙ୍ଗୀସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ବିନିମୟରେ ୮୬ରନ୍ ସଂଗ୍ରହ କରିଥିଲା। ଜବାବରେ ଘୋରଡ଼ିଆ ଟିମ୍ ୯ ଉଇକେଟ ହରାଇ ୬୬ରନ୍ କରି ପରାଜିତ ହୋଇଥିଲା। ଅତିସ୍ କୁମାର ଦାସ ଓ ଜିତେନ୍ଦ୍ର ଲେଙ୍କା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ନେତ୍ରୀ ପ୍ରତିମାରାଣୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩ ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରିଥିଲେ। ସାମାଜିକ କର୍ମୀ କବି ଦେଓ ଓ ଅନିଲ ନାୟକ ଯୋଗଦେଇ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟଜିତ୍ ଦେଓ, ଜିତେନ୍ଦ୍ର ମହଲା, ସନ୍ତୋଷ କୁମାର ଦେଓ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚୋରି ଅଭିଯୁକ୍ତ ଗିରଫ

**ଚୌଦ୍ୱାର,୧୩।୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀ ନିକଟ ଏକ ଭେରାଇଟି ଷ୍ଟୋର୍‌ରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଓଟିଏମ୍ ଦୁର୍ଗା ବଜାର ଅଞ୍ଚଳର ମନଜିତ୍ ସାହୁ। ଗୁରୁବାର ରାତିରେ ମନଜିତ୍ ଉକ୍ତ ଦୋକାନର ଆଜ୍‌ବେଷ୍ଟସ୍ ଭାଙ୍ଗି ଭିତରେ ପଶିବା ସହ ବହୁ ସାମଗ୍ରୀ ଚୋରିକରି ନେଇଥିଲେ। ଏ ନେଇ ଦୋକାନ ମାଲିକ ରାଜେନ୍ଦ୍ର ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୫/୨୨) ରୁଜୁ କରିଥିଲା।

### ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର

**କଟକ ସଦର,୧୩।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୫ନଂ. ଜୋନ୍ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ୍ତ ମହାଳି କନ୍ଦରପୁର, ଆୟତପୁର, ଫକୀରପଡ଼ା ଓ ନିମେଇଶାପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ରବିବାର ପ୍ରଚାର କରିଥିଲେ। ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ପ୍ରଚାରପତ୍ର ମାଧ୍ୟମରେ ଭୋଟରଙ୍କୁ ବାଣ୍ଟିଥିଲେ। ସେହିପରି ଶନିବାର ପରମହଂସ ଓ ଗତିରାଉତପାଟଣା ପଞ୍ଚାୟତର ରଘୁନାଥପୁର, ପରମହଂସ, ରାଜହଂସ ଓ ଡିହସାହି ଗ୍ରାମରେ ପ୍ରଚାର କରିଥିଲେ। ଏହି ପ୍ରଚାରରେ ବିଜେଡି କାର୍ଯ୍ୟକାରୀ ସଭାପତି ସମର ବେହେରା, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ସୁବୋଧ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ଇନଡୋର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**କଟକ ଅଫିସ,୧୩।୨:** ନ୍ୟାଶନାଲ୍ କ୍ୟାଡେଟ୍ କର୍ପସ୍ (ଏନ୍‌ସିସି)ଗ୍ରୁପ୍ ମୁଖ୍ୟାଳୟ ପକ୍ଷରୁ ପୁରୁଣା ସଚିବାଳୟ କମ୍ପ୍ଲେକ୍ସରେ ରବିବାର ଇନଡୋର ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ କରାଯାଇଛି। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପ ମହାନିର୍ଦ୍ଦେଶକ ସୋମେନ ବାନାର୍ଜୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, କ୍ୟାଡେଟ୍‌ମାନଙ୍କୁ ଗୁଣାତ୍ମକ ତାଲିମ ପ୍ରଦାନ ଲକ୍ଷ୍ୟରେ ଏହି କେନ୍ଦ୍ର ଖୋଲାଯାଇଛି। ଏଠାରେ ଏହି କାର୍ଯ୍ୟକ୍ରମରେ କଟକ ଏନ୍‌ସିସିର ଗ୍ରୁପ୍ କମାଣ୍ଡର ରଜନୀଶ କପୁର, ଉମେଶ ମାୱାହା ଏବଂ ସେଣ୍ଟ୍ ଜାଭିୟର ସ୍କୁଲର ଏନ୍‌ସିସି କ୍ୟାଡେଟ୍‌ମାନେ ଉପସ୍ଥିତ ଥିଲେ।

### ଆୱାରନେସ୍‌ର ନୂତନ କର୍ମକର୍ତ୍ତା ଚୟନ

**କଟକ ଅଫିସ,୧୩।୨:** ଜଗତପୁରସ୍ଥିତ ଆୱାରନେସ୍ କାର୍ଯ୍ୟାଳୟରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୱାରନେସ୍‌ର କାର୍ଯ୍ୟକାରୀ ସଭାପତି ତ୍ରୈଲୋକ୍ୟ ନାଥ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଏଥିରେ ସଭାପତି ଭାବେ ସମୀର କୁମାର ଖିଲାର, ଉପସଭାପତି କଳ୍ପନା ଜେନା, ସାଧାରଣ ସମ୍ପାଦକ ଗୌତମ ବେହେରା, ସମ୍ପାଦିକା ଜୟନ୍ତୀ ଦାସ, ସାଂସ୍କୃତିକ ସମ୍ପାଦିକା ରୋଜାଲିନ ପ୍ରଧାନ, ସଂଯୋଜିକା ସୁମିତ୍ରା ବିଶୋଇ, କୋଷାଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ନାୟକ ଓ ସହ କୋଷାଧ୍ୟକ୍ଷ ଭାବେ ସରସ୍ୱତୀ ସାମଲଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଲିପିନା ପଣ୍ଡା, ବିନୋଦିନୀ ଦାଶ, ଭାଗ୍ୟଲିପି ଚୌଧୁରୀ, ମଧୁସ୍ମିତା ଆଚାର୍ଯ୍ୟ, ସୁଷମା ସାହୁ, ଉମା ବାରିକ, ମିନର୍ଭା ବାରିକ, ପ୍ରତିମା ସାହୁ, ସ୍ୱପ୍ନିଳା ମାଝି ଉପସ୍ଥିତ ଥିଲେ।

# ‘କଟକ ଗୌରବ ଫେରାଇ ଆଣିବାକୁ ବଦ୍ଧପରିକର’

**କଟକ ଅଫିସ,୧୩।୨**

**ବିଜେଡି କାର୍ଯ୍ୟକାରିଣୀ ବୈଠକ**

କଟକ ମହାନଗର ନିଗମ(ସିଏମ୍‌ସି)ର ୧୭ ନମ୍ବର ୱାର୍ଡ ବିଜେଡି ପକ୍ଷରୁ ବକ୍ସିବଜାରସ୍ଥିତ ସୁଲତାନିଆ ମଦ୍ରାସା ପ୍ରାଙ୍ଗଣରେ ରବିବାର ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେକ୍ ଜାକିର ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ସହରକୁ ସରସ ସୁନ୍ଦର କରିବା ପାଇଁ ଅନେକ ଯୋଜନା କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଜୀବନବିନ୍ଦୁ ମାଧ୍ୟମରେ ରକ୍ତଦାନ ଶିବିର ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗରିବ ନିଃସହାୟ ବ୍ୟକ୍ତିଙ୍କ ପାଇଁ ମାଗଣା ଚିକିତ୍ସା ପାଇଁ ହେଲ୍‌ଥ କାର୍ଡ ବ୍ୟବସ୍ଥା କରିଛନ୍ତି। କଟକ-ଭୁବନେଶ୍ୱରକୁ ସଂଯୋଗ କରିବା ପାଇଁ ତ୍ରିଶୂଳିଆଠାରେ ନେତାଜୀ ସେତୁ ନିର୍ମାଣ ଓ କଟକ-ଆଠଗଡ଼କୁ ସଂଯୋଗ କରି ମଧୁସୂଦନ ସେତୁର ନିର୍ମାଣ, ଅମୃତ ଯୋଜନା ମାଧ୍ୟମରେ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା କରିଛନ୍ତି। କଟକ ଗୌରବ ଫେରାଇ ଆଣିବାକୁ ଦଳ ବଦ୍ଧପରିକର ବୋଲି ସେ କହିଛନ୍ତି। ଆଗାମୀ ପୌର ନିର୍ବାଚନରେ ସହରବାସୀ ବିଜୁ ଜନତା ଦଳକୁ ପୂର୍ବ ଭଳି ବିଜୟୀ କରାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଜିଲା ବିଜେଡି ଉପସଭାପତି ଧର୍ମେଶ ନାୟକ, ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, ପୂର୍ଣ୍ଣିମା ସିଂହ, କଟକ ନଗର ବିଜୁ ଯୁବ ଜନତା ଦଳ ସଭାପତି ମନୋଜିତ ଦାସ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଆସିଫ ଅମିନ, ନଗର ସାଧାରଣ ସମ୍ପାଦକ ମହମ୍ମଦ ଆୟୁବ, ଜିଲା ବିଜୁ ଜନତା ଦଳ ସଂଖ୍ୟାଲଘୁ ସଭାପତି ଜନାବ ସୟଦ ଏକ୍ରାମ ହୁସେନ, ନଗର ବିଜୁ ଜନତା ଦଳ ସଂଖ୍ୟାଲଘୁ ସଭାପତି ମହମ୍ମଦ ଆରିଫ, ପୂର୍ବତନ କର୍ପୋରେଟର ରମ୍‌ଜାନ ଖାନ, ଏ. ଶ୍ରୀଦେବୀ, ସୌମ୍ୟଦୀପ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଆବେଦା ବେଗମ ଧନ୍ୟବାଦ ଦେଇଥିଲେ।

# ଆଜି ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୩।୨**

**■ବାଲିସାହିରେ ଥଇଥାନ ହେଲେ ୪୪ ପରିବାର**

ତାଳଦଣ୍ଡା କେନାଲ ପାର୍ଶ୍ୱବର୍ତ୍ତୀ ରାସ୍ତା ସମ୍ପ୍ରସାରଣ ନିମନ୍ତେ ସୋମବାର ମାଲଗୋଦାମ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯିବ। ଏଥିପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ରବିବାର ପ୍ରାୟ ୪୪ଟି ପରିବାରକୁ ନୂଆପଡାସ୍ଥିତ ବାଲିସାହିକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପ୍ରତି ପରିବାରକୁ ୫୦ ହଜାର ଟଙ୍କା ଓ ୨୨୫ ବର୍ଗ ଫୁଟର ଜମି ଯୋଗାଇ ଦିଆଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବିସ୍ଥାପିତଙ୍କୁ ସିଏମ୍‌ସି ପକ୍ଷରୁ ରନ୍ଧାଖାଦ୍ୟ ଦିଆଯିବ। ତେବେ ଉକ୍ତ ସ୍ଥାନରେ ଥିବା ୧୮ ଜଣ କିନ୍ନର ବାଲିସାହିକୁ ଯିବାକୁ ଅମଙ୍ଗ ହୋଇଛନ୍ତି। ସେମାନଙ୍କୁ ମାଲଗୋଦାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଥଇଥାନ କରିବାକୁ ଦାବି କରିଛନ୍ତି। ତେବେ ସୋମବାର ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି। ସୂଚନାଥାଉ କି, ଛତ୍ରବଜାରଠାରୁ ମାତୃଭବନ ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ବାମପାର୍ଶ୍ୱ ରାସ୍ତା ନିର୍ମାଣ ହେବ। ରେଳ ବିଭାଗ ଜମିରେ ରାସ୍ତା କାର୍ଯ୍ୟ ପାଇଁ ଅନୁମତି ମିଳୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା। କିଛିଦିନ ପୂର୍ବେ ରେଳ ବିଭାଗ ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍(ଏନ୍‌ଓସି) ମିଳିବା ପରେ ମାଲଗୋଦାମରୁ ଜବରଦଖଲ ଉଚ୍ଛେଦ ପାଇଁ ସିଏମ୍‌ସି ନିଷ୍ପତ୍ତି ନେଇଛି।



କଟକ ରିଜର୍ଭ ପୋଲିସ ପଡିଆରେ ରବିବାର କମିଶନରେଟ୍ ପୋଲିସ ପକ୍ଷରୁ ଅନୁଷ୍ଠିତ ଯୋଗ ଶିବିର।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**କଟକ ଅଫିସ,୧୩।୨**

ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରାବାସ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ସର୍ବନିମ୍ନ ବେତନ ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଉଥିବା ଛତା, କମ୍ବଳ ଆଦି ଦିଆଯିବା, ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯିବ। ଯଦି ୨୪ ଘଣ୍ଟା ମଧ୍ୟରେ ଦାବି ପୂରଣ କରା ନ ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛାତ୍ରାବାସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ସଭାପତି ପ୍ରକାଶ ଦାସ କହିଛନ୍ତି। ଏହି ବୈଠକରେ ସଂଘ ସେକ୍ରେଟାରି ଜୟରାମ ବାରିକ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ଦାସ, ରଞ୍ଜିତ ଦାସ, ମିନା ପରିଡ଼ା ଓ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିୟବ୍ରତ ସଭାପତି, ଅଜୟ ସାଧାରଣ ସମ୍ପାଦକ

**କଟକ ଅଫିସ,୧୩।୨**

**କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ**



ପ୍ରିୟବ୍ରତ ତ୍ରିପାଠୀ



ଅଜୟ କୁମାର ବାରିକ

କଟକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ବାଦାମବାଡ଼ିସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ପ୍ରିୟବ୍ରତ ତ୍ରିପାଠୀ ଓ ସାଧାରଣ ସମ୍ପାଦକ ଭାବେ ଅଜୟ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ନିରଞ୍ଜନ ସାହୁ, ମୁରଲୀଧର ବେହେରା, ପବିତ୍ର ମୋହନ ଖଟୁଆ, ସୁଧୀର ଚରଣ ମହାନ୍ତି, କିଶୋର ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ କୁମାର ସାହୁ, ଶିଶିର ପାତ୍ର, ବିବେକାନନ୍ଦ ଖଣ୍ଡେଇ, ପିନାକ ପାଣି ଷଡ଼ଙ୍ଗୀ, ଜୟ ପ୍ରକାଶ ମାହୁନ୍ତ, ସହକାରୀ ସମ୍ପାଦକ ଭାବେ ରବି ନାରାୟଣ ବେହେରା, ଶ୍ରୀନିବାସ ଶତପଥୀ, ସୁବ୍ରତ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ସିଂ ମନୋନୀତ ହୋଇଛନ୍ତି। ସେହିପରି ଅଲେଖ ଚନ୍ଦ୍ର ରାଉତ, ଲଳିତ କୁମାର ମହାନ୍ତି, ଅଭୟ ପଟ୍ଟନାୟକ, ସନ୍ଦୀପ ଦ୍ୱିବେଦୀ, କଳ୍ପତରୁ ସାମଲ, କିଶୋର ସାହୁ, ମନୋଜ ତ୍ରିପାଠୀ, ରାଜନ ଖାଁ, ପ୍ରଭାତ ନାୟକ, ମିର୍ଜା ଗୈସର ଅଲି ବେଗ୍, ଅଭିଜିତ୍ ସାହୁଙ୍କ ସମେତ ୨୬ ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ରବିବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ଅପରାହ୍ନ ୫ଟା ୩୦ରେ ଫଳ ଘୋଷଣା କରାଯାଇଥିଲା। ନିର୍ବାଚିତ ସଦସ୍ୟମାନେ ଆସନ୍ତା ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ ବୋଲି କଟକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ବାଚନ ଅଧିକାରୀ ରବି ମଲ୍ଲିକ ସୂଚନା ଦେଇଛନ୍ତି।

# କ୍ରିକେଟ୍: ଫାଇନାଲରେ ଚର୍ଚ୍ଚିକା କ୍ଲବ

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ବାଙ୍କୀ ବେଦପୁର ମା’ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଡିଏମ୍‌ସିସି ବାଙ୍କୀ ଓ ମା’ଚର୍ଚ୍ଚିକା କ୍ରିକେଟ କ୍ଲବ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ମା’ଚର୍ଚ୍ଚିକା କ୍ରିକେଟ୍ କ୍ଲବ ଏଥିରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଡିଏମ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ମା’ଚର୍ଚ୍ଚିକା କ୍ରିକେଟ କ୍ଲବ ୧୯.୪ ଓଭରରେ ୪ ଉଇକେଟ୍ ବିନିମୟରେ ୧୬୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରକୃତିବନ୍ଧୁ ଗୌତମ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଶିଷ ବେହେରା ଓ ତାପସ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ରଞ୍ଜିତ ବେହେରା, କୀର୍ତ୍ତିରଞ୍ଜନ ବେହେରା, ଚିନ୍ମୟ ପଣ୍ଡା ଓ ବିଶାଳ ପଣ୍ଡା ଏଥିରେ ସହଯୋଗ କରିଥିଲେ।

# ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ: ୧୦ ହାଇୱା ଜବତ

**ଆଠଗଡ଼,୧୩।୨(ସ୍ୱ.ପ୍ର.)**

ଆଠଗଡ଼ରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣବେଳେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇ ୧୦ ହାଇୱା ଜବତ କରାଯାଇଛି। ସେଥିରୁ ୪ଟି ବାଲି ବୋଝେଇ, ୫ଟି କଳା ମୁଗୁନି ପଥର ବୋଝେଇ ଏବଂ ଗୋଟିଏ ମୋରମ ବୋଝେଇ ହାଇୱା ବୋଲି ଜଣାପଡ଼ିଛି। ଏନେଇ ଜରିମାନା ବାବଦରେ ୨ ଲକ୍ଷ ୫୨ ହଜାର ୮୯୦ ଟଙ୍କା ଆଦାୟ କରାଯାଇଥିବା ତହସିଲଦାର ପ୍ରିୟବ୍ରତ ଦାସ ସୂଚନା ଦେଇଛନ୍ତି।

# ‘ଦେଶ ଗଠନ ପାଇଁ ଯୁବବର୍ଗ ଆଗେଇ ଆସନ୍ତୁ’

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ବାଙ୍କୀ ଟାଉନ୍‌ସ୍ଥିତ ଶିକ୍ଷକ ଭବନ ପରିସରରେ ନେହେରୁ ଯୁବକେନ୍ଦ୍ର ସଂଗଠନ କଟକ ଭାରତ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଯୁବତୀଯୁବକମାନଙ୍କୁ ନେଇ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ କେଶବ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବବର୍ଗ ଆଗେଇ ଆସିଲେ ଏକ ଦେଶ ଗଠନ ହୋଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଚିକିତ୍ସକ ଡା. କୈଳାସ ଚନ୍ଦ୍ର ରଥ. ସମ୍ମାନିତ ଅତିଥି ଭାବେ ଡାକ୍ତର ପଦ୍ମଲୋଚନ ପଣ୍ଡା, ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା, କବୟିତ୍ରୀ ମୋନାଲିସା ନନ୍ଦ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ସାମିଲ ହୋଇଥିଲେ। ଏହି ଅବସରରେ ଅର୍ଘ୍ୟରୂପା ସମାନ୍ତରାୟଙ୍କ ଦ୍ୱାରା ବିଭିନ୍ନ ଯୋଗାସନ କରାଯାଇଥିଲା।

# ପରିବେଶ ସଚେତନତା

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ମଠ ସାହିରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ପ୍ରସନ୍ନ କୁମାର ସାହୁ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଜନସାଧାରଣ କାର୍ଯ୍ୟକରିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦୀପକ ସାମନ୍ତରା, ମନୋଜ କୁମାର ମହାପାତ୍ର, ଅମୂଲ୍ୟ ନାୟକ ଓ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁନାଇଟେଡ୍ କପ୍ କ୍ରିକେଟ: କୁତାମଚଣ୍ଡୀ ଚାମ୍ପିୟନ

**କଣ୍ଟାପଡା,୧୩।୨(ଡି.ଏନ୍.ଏ.)**

ନାରାୟଣୀ ୟୁଥ କ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ୍ କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଆୟୋଜକ ନାରାୟଣୀ ୟୁଥ୍ କ୍ଲବକୁ ୩୮ ରନରେ ହରାଇ ନିଆଳିର କୁତାମଚଣ୍ଡୀ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଟସ୍ ଜିତି କୁତାମଚଣ୍ଡୀ ଟିମ୍ ପ୍ରଥମେ ବ୍ୟାଟିଂ କରି ଶୁଭେନ୍ଦୁ ପ୍ରଧାନଙ୍କ ବିସ୍ଫୋରକ ୭୫ ଓ ଅନିଲ ମହାପାତ୍ରଙ୍କ ୬୩ ରନ୍ ବଳରେ ୨୦ ଓଭରରେ ୮ ଉଇକେଟ ହରାଇ ୨୧୮ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଦଳର ସନ୍ତୋଷ ଓ ବଚନ ୩ ଉଇକେଟ ଲେଖାଏ ନେଇଥିଲେ। ଜବାବରେ ଆୟୋଜକ ନାରାୟଣୀ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଦଳ ପକ୍ଷରୁ ସୌରଭ ଦାସ ୮୦ ଓ ସତ୍ୟଜିତ ସାହୁ ୨୭ ରନ୍ କରିଥିଲେ। ବିପକ୍ଷ ଦଳର ଅସୀମା ନନ୍ଦ ୨ ଓ ସି. କାନୁନ୍‌ଗୋ ୩ ଉଇକେଟ ନେଇଥିଲେ। ଡା. ନରେନ୍ଦ୍ର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫିସହ ୨୦,୦୦୦ ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପ୍ରଦାନ କରିଥିଲେ। ଶୁଭେନ୍ଦୁ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଦ୍ରୀଶ ସା ଓ ଶେଷଦେବ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ।




କଟକ ମହାନଗର ନିଗମର କାଜିପାଟଣାଠାରେ ଅନୁଷ୍ଠିତ କଂଗ୍ରେସ କର୍ମୀ ସମ୍ମିଳନୀରେ ବିଧାୟକ ଇଂ. ମହମ୍ମଦ ମୋକିମ ଉଦ୍‌ବୋଧନ ଦେଉଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ବେଳେ ରେଡ଼ିଓ ଏକମାତ୍ର ମାଧ୍ୟମ

**ବାଙ୍କୀ,୧୩।୨(ସ୍ୱ.ପ୍ର.)**

ବାଙ୍କୀର ଅମ୍ଳାନ କୃତି ମଣ୍ଡପ ଓ ଅନ୍ତଃରାଷ୍ଟ୍ରୀୟ କଳିଙ୍ଗ କୃତି ସଂସ୍ଥାନ ଆନୁକୂଲ୍ୟରେ ରବିବାର ବିଶ୍ୱ ରେଡିଓ ଦିବସ ଆଭାସୀ ମାଧ୍ୟମରେ ପାଳିତ ହୋଇଯାଇଛି। ରେଡିଓର ବହୁଳ ବ୍ୟବହାର ଦିଗରେ ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟୁତ୍ ନ ଥିବା ବେଳେ ଓ ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟରେ ସମୟରେ ରେଡଓ ହିଁ ଏକମାତ୍ର ମାଧ୍ୟମ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କହିଥିଲେ। ଅମ୍ଳାନ କୃତିମଣ୍ଡପର ସଭାପତି ଦୀପକ କୁମାର ସାମନ୍ତରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତଃରାଷ୍ଟ୍ରୀୟ କଳିଙ୍ଗ କୃତି ସଂସ୍ଥାନର ଉପସଭାପତି ସାମାଜିକକର୍ମୀ ଗୌତମ ମିଶ୍ର, ପରିବେଶବିତ୍ ପ୍ରସନ୍ନ କୁମାର ସାହୁ ଓ କବି ସୁଦର୍ଶନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



କଟକ ତୁଳସୀପୁର ହରିଣ ପାର୍କ ପରିସର ଗଛ ଛାଇରେ ହରିଣଗୁଡିକ ସାମୟିକ ବିଶ୍ରାମ ନେଉଛନ୍ତି।

# ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କଂଗ୍ରେସ ସମର୍ଥକ

**ନିଶ୍ଚିନ୍ତକୋଇଲି, ୧୩।୨(ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ୨୮ ନମ୍ବର ଜିଲା ପରିଷଦ ଜୋନ**

**■ବିଜେଡି, ଭାଜପା ମଧ୍ୟରେ କଡା ଟକ୍କର**

କଟକ ଜିଲା ନିଶ୍ଚିନ୍ତକୋଇଲି ୨୮ ନଂ. ଜିଲା ପରିଷଦ ଜୋନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ଅପରପକ୍ଷେ କଂଗ୍ରେସର ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଏହି ଜୋନ୍ ମହମ୍ମଦପୁର, ଉତ୍ତରକୂଳ, ମଣିଜଙ୍ଗ, ବାବୁଜଙ୍ଗ, ମାଣପୁର, ଈଶାଣୀବରହମପୁର ଓ ଶିର୍ଲୋ ଆଦି ୭ ପଞ୍ଚାୟତକୁ ନେଇ ଗଠିତ। ଏସବୁ ପଞ୍ଚାୟତରେ ୧୧୮ଟି ୱାର୍ଡ ଏବଂ ୩୨,୮୩୭ ଭୋଟର ରହିଛନ୍ତି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତର ନିର୍ବାଚନରେ ଏହି ଜୋନରୁ ଭାଜପା ନେତା ଯଜ୍ଞସେନ ଶ୍ରୀଚନ୍ଦନ ନାୟକ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଚଳିତ ନିର୍ବାଚନରେ ଜୋନ୍‌ରେ ବିଜେଡି ଓ ଭାଜପା ପ୍ରାର୍ଥୀ ଦେଇଥିଲା ବେଳେ କଂଗ୍ରେସର ସମର୍ଥକ ବିଜୟର ଚାବିକାଠି ହେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ଭୋଟରକୁ ହାତେଇବା ପାଇଁ ଉଭୟ ଦଳ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଏହି ଜୋନ୍‌ରେ ବିଜେଡି ପକ୍ଷରୁ ଶୁଭଶ୍ରୀ ମହାନ୍ତି ଓ ଭାଜପା ପକ୍ଷରୁ ଜିନିଲତା ଦାସ ଓ କଂଗ୍ରେସ ପକ୍ଷରୁ ନିରୁପମା ସାମନ୍ତରାୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମାତ୍ର ଯାଞ୍ଚ ସମୟରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଥିଲା। ବିଜେଡି ପ୍ରାର୍ଥୀ ମହାନ୍ତି ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ବାବୁଜଙ୍ଗ ପଞ୍ଚାୟତରେ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମନୋଜ ମହାନ୍ତି ମଧ୍ୟ ବାବୁଜଙ୍ଗର ସମିତି ସଭ୍ୟ ଥିଲେ। ସେ ଉତ୍ତରକୂଳ ସେବା ସମବାୟ ସମିତିର ୨ଥର ସଭାପତି ହୋଇଛନ୍ତି। ସ୍ୱାମୀଙ୍କ ବିକାଶମୂଳକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ପାଥେୟ କରି ମହାନ୍ତି ନିର୍ବାଚନରେ ବିଜୟ ହେବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପା ପ୍ରାର୍ଥିନୀ ଦାସ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନକୁ ନିର୍ବାଚନୀ ମୁଦା କରିଛନ୍ତି। ପୂର୍ବଥର ଭଳି ଚଳିତଥର ମଧ୍ୟ ଭାଜପା ବିଜୟୀ ହେବ ବୋଲି ଦାସ ଆଶାବ୍ୟକ୍ତ କରିଛନ୍ତି। ଆଗକୁ ଭୋଟର କାହା ସପକ୍ଷରେ ଯିବେ ତାହା ଦେଖିବାକୁ ବାକି ରହିଲା।